ଧରିତ୍ରୀ
DHARITRI
August 8-14, 2021 ₹ 2/-

# ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ





## ପ୍ରାଣୀ ସୁରକ୍ଷାରେ ଗ୍ରାମବାସୀ

ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଜଙ୍ଗଲରେ ପଶୁ ପକ୍ଷୀ କିପରି ନିର୍ଭୟରେ ଓ ଶାନ୍ତିରେ ରହିପାରିବେ, ତାକୁ ନେଇ ଏବେ ଅଣ୍ଟା ଭିଡ଼ିଛନ୍ତି କେତେକ ଗ୍ରାମର ଗ୍ରାମବାସୀ....



ସିନେମା
୮/୯

# ୱାଟର୍ ଫାଉଣ୍ଟେନ୍ ରଖିବେ କେଉଁଠି



**ସୁଖ ଶାନ୍ତିରେ ରହିବାକୁ କିଏ ବା ନ ଚାହେଁ ସେଥିପାଇଁ କିଏ କେତେ ପ୍ରକାରର ପ୍ରୟାସ କରିଥାନ୍ତି। ତେବେ ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ୱାଟର୍ ଫାଉଣ୍ଟେନ୍ ରଖିଲେ ବି ଏହାର ଅନେକ ସୁଫଳ ମିଳିଥାଏ। ଆସନ୍ତୁ ଜାଣିବା ଏହାକୁ କେଉଁ ଦିଗରେ ଆଉ କେଉଁ ସ୍ଥାନରେ ରଖିବା ଦରକାର–**

* ଯଦି ଘରେ କାହାର ବାରମ୍ବାର ଦେହ ଖରାପ ହେଉଥାଏ କିମ୍ବା ଘରେ ଆର୍ଥିକ ଦୁରବସ୍ଥା ଲାଗି ରହୁଥାଏ, ତା'ହେଲେ ଘରର ବାଲକୋନିରେ ଗୋଟିଏ ୱାଟର୍ ଫାଉଣ୍ଟେନ୍ ଆଣି ରଖିଲେ ଏସବୁ ସମସ୍ୟାର ସମାଧାନ ଶୀଘ୍ର ହୋଇଯାଏ।

* ସେହିପରି ଏହାକୁ ବାଡି ବଗିଚାରେ ମଧ୍ୟ ରଖିପାରିବେ। କିନ୍ତୁ ମନେ ରଖିବେ ଏହାର ପାଣି ବୋହୁ ଥିବାର ଦିଗଟି ଯେମିତି ଘର ଆଡକୁ ମୁହଁ କରି ରହିଥିବ। ଏମିତି କଲେ ଘରେ ଧନ ବୃଦ୍ଧି ହେଇଥାଏ ବୋଲି ବିଶ୍ୱାସ କରାଯାଏ। ଆଉ ଯଦି ମୁହଁ ବାହାର ଆଡକୁ ରହିଲା ତା'ହେଲେ ପାଣିର ଧାର ବୋହିଗଲା ଭଳି ଘରେ ଅଧିକ ଖର୍ଚ୍ଚ ହୋଇଥାଏ।

*ତା'ଛଡ଼ା ଘର ଭିତରେ ଏହାକୁ ଉତ୍ତର କିମ୍ବା ଦକ୍ଷିଣ–ପୂର୍ବ ଦିଗରେ ରଖିଲେ କ୍ୟାରିୟରରେ ଉନ୍ନତି ହେବା ସହ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ।

*ସେହିପରି ଯଦି ସ୍ଥାନ ଅଭାବ ବା ଆର୍ଥିକ ଦୁରବସ୍ଥା ଯୋଗୁ ଆପଣ ଘରେ ୱାଟର୍ ଫାଉଣ୍ଟେନ ରଖିପାରୁ ନାହାନ୍ତି, ତା'ହେଲେ ଘରର ଉତ୍ତର–ପୂର୍ବ ଦିଗରେ କୌଣସି ମାଟି ପାତ୍ରରେ କିମ୍ବା ସୁରେଇରେ ପାଣି ଭର୍ତ୍ତି କରି ରଖିଲେ ମଧ୍ୟ ପରିବାର ସଦସ୍ୟଙ୍କର ଭାଗ୍ୟ ବଦଳି ଯାଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୮-୧୪

**ମେଷ**
କର୍ମକ୍ଷେତ୍ରରେ ସ୍ଥାନାନ୍ତର, ପାରିବାରିକ ଅସ୍ଥିରତା, ପ୍ରତିବନ୍ଧକର ସାମନା, ଉପରିସ୍ଥଙ୍କ ଅନୁଗ୍ରହ, ଖଳବ୍ୟକ୍ତିଙ୍କ ଅନୁପ୍ରବେଶ, ନିଜ ଲୋକମାନେ ଦୂରେଇ ଯିବେ, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଗୁରୁଜନଙ୍କ ସାନ୍ତ୍ୱନା।

**ବୃଷ**
କର୍ମକ୍ଷେତ୍ରରେ ଚାପ, କାର୍ଯ୍ୟଭାର ବୃଦ୍ଧି, ଅବହେଳିତ କାମ, ଉପରିସ୍ଥଙ୍କ ତିରସ୍କାର, ଋଣ ପରିଶୋଧ ଚିନ୍ତା, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ବିବାଦରେ ଜୟଯୁକ୍ତ, ବନ୍ଧୁଙ୍କ ନୀରବତା, ମନୋରଞ୍ଜନରେ ଅନିଚ୍ଛା, ରୋଗରୁ ଆଶ୍ୱସ୍ତି।

**ମିଥୁନ**
ନୂତନ ଯୋଜନା, ଅଂଶୀଦାରଙ୍କ ସହମତି, ଅଭାବ ଲାଗି ରହିବ, ଅସୁସ୍ଥ ମାନସିକତା, ସହାନୁଭୂତିର ଆଶା, ମନ ହାଲୁକା ହୋଇଯିବ, ପର୍ଯ୍ଯଟନରେ ବିଳମ୍ବ, ପାରିବାରିକ ସହମତି, ବନ୍ଧୁଙ୍କ ପ୍ରତିବାଦ, ଜଟିଳ ପରିସ୍ଥିତି।

**କର୍କଟ**
ଉଚ୍ଚ ସମ୍ମାନ, ନୂତନ ବନ୍ଧୁସମ୍ପର୍କ, ଅଧସ୍ତନଙ୍କ ଆନୁଗତ୍ୟ, ଶାରୀରିକ ସୁସ୍ଥତା, ପାରିବାରିକ ସହାନୁଭୂତି, କର୍ମଚଞ୍ଚଳ ବୃଦ୍ଧି, ପୂର୍ବ ସମସ୍ୟାର ସମାଧାନ, ସଭାସମିତିକୁ ନିମନ୍ତ୍ରଣ, ଗୃହସୀମା ବିବାଦ।

**ସିଂହ**
ଆର୍ଥିକ ଅଭିବୃଦ୍ଧି, କର୍ମକ୍ଷେତ୍ରରେ ବାଦାନୁବାଦ, ଅଶାନ୍ତ ବାତାବରଣ, ବନ୍ଧୁଙ୍କ ସହ ତିକ୍ତତା, ରୋକ୍‌ଠୋକ କଥାରୁ ମତାନ୍ତର, ଆତ୍ମସମ୍ମାନରେ ବାଧା, ମିଥ୍ୟାଭିଯୋଗ, ବ୍ୟବସାୟରେ ପୁଞ୍ଜି ଲଗାଣ।

**କନ୍ୟା**
ଦୁଃଖଦ ଅନୁଭୂତି, ସାମୟିକ ଅବସାଦ, ଯୋଜନାରମ୍ଭରେ ସମସ୍ୟା, ବୁଦ୍ଧିଜୀବୀଙ୍କ ସାନ୍ନିଧ୍ୟ, ରଚନାତ୍ମକ କାର୍ଯ୍ୟ, ଆନୁଷ୍ଠାନିକ ସମ୍ମାନ, ଗବେଷଣାରେ ସଫଳତା, ବିଦେଶଯାତ୍ରା, ପାରିବାରିକ ଦ୍ୱନ୍ଦ୍ୱ, ସହକର୍ମୀଙ୍କ ବୈରାମ୍ୟ।

**ତୁଳା**
ଅବିରାମ ଚେଷ୍ଟା, ଆନୁଷଙ୍ଗିକ ସୁବିଧା, ଦୁଶ୍ଚିନ୍ତା ବୃଦ୍ଧି, ଅନ୍ତର୍ଦ୍ୱନ୍ଦ୍ୱ, ପ୍ରଶାସନିକ ସମସ୍ୟା, ଆଇନ ସହାୟତା, ଅଦାଲତରେ ବାଇଦା, ନିର୍ମାଣ କ୍ଷେତ୍ରରେ ବିଫଳତା, ଜମିଜମା ରେଜିଷ୍ଟ୍ରେସନ୍, ଚୁକ୍ତିପତ୍ର ସମ୍ପାଦନ, ବନ୍ଧୁଙ୍କ ଅସହଯୋଗ।

**ବିଛା**
କୌଶଳରେ କାର୍ଯ୍ୟସିଦ୍ଧି, ଲକ୍ଷ୍ୟ ହାସଲ, ବକେୟା ପାଇବେ, ପକ୍ଷପାତିତାରୁ କଳହ, ପ୍ଲଟିଂ କାରବାରରେ ଉନ୍ନତି, ପ୍ରତିଯୋଗିତାରୁ ଓହରିବେ, ପରିବହନରେ ସମସ୍ୟା, କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ, ଆତ୍ମୀୟଙ୍କ ଶତ୍ରୁତା।

**ଧନୁ**
କାର୍ଯ୍ୟଧାରା ବଦଳିବ, ସାମୟିକ ଆଶ୍ୱସ୍ତି, ଉପରିସ୍ଥଙ୍କ ଅନୁକମ୍ପା, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ପରିବାରରେ ବ୍ୟତିକ୍ରମ, ପ୍ରିୟବନ୍ଧୁ ଦର୍ଶନ, ସ୍ୱାସ୍ଥ୍ୟ ସମସ୍ୟାରୁ କ୍ଳେଶ, ବିଫଳ ଆଲୋଚନା, ଆଶା ମଉଳିଯିବ, ସଙ୍ଗୀତରୁ ସୁନାମ।

**ମକର**
ମାନସିକ ଅସ୍ଥିରତା, ବନ୍ଧୁ ସମ୍ପର୍କହାନି, ଅପ୍ରିୟ ଭାଷଣରୁ ମତାନ୍ତର, ଅର୍ଥପ୍ରାପ୍ତିରେ ବିଳମ୍ବ, ଯାନବାହନରେ ଆଘାତ, ଭାବ ପ୍ରବଣତାରୁ ମନସ୍ତାପ, ରାଜନୈତିକ ସମୀକରଣ, ହିତାକାଂକ୍ଷୀଙ୍କ ପରାମର୍ଶ।

**କୁମ୍ଭ**
କଳା ସାହିତ୍ୟରେ କୁଶଳ, ଉନ୍ନତ ଚିନ୍ତାଧାରା, ବନ୍ଧୁଙ୍କ ସମର୍ଥନ, କଠିନ ପରିଶ୍ରମ, ଅବସର ମିଳିବନି, ଅଶୌଚ ଖବରପ୍ରାପ୍ତି, ବୃତ୍ତି ବାଣିଜ୍ୟରେ ସଫଳତା, ମହାଜନୀ ଚାପ, କଚେରି ମାମଲାରେ ହନ୍ତସନ୍ତ, ପ୍ରକାଶନରେ ସମସ୍ୟା, ସାମୟିକ ଅସୁସ୍ଥତା।

**ମୀନ**
ସମସ୍ୟା ସମାଧାନ, ବନ୍ଧୁଙ୍କୁ ଆପଣେଇବେ, ସାହାଯ୍ୟ ସମର୍ଥନ ମିଳିବ, ଗାଡି ମରାମତି, ସମ୍ପର୍କ ଯୋଡିବେ, ଲକ୍ଷ୍ୟପ୍ରାପ୍ତିରେ ପ୍ରତିବନ୍ଧକ, ସ୍ଥଗିତ କାର୍ଯ୍ୟାରମ୍ଭ, ନୂତନ ନିଯୁକ୍ତି, ପରୀକ୍ଷାରେ ସଫଳତା, ପରିସ୍ଥିତିରେ ସାମ୍ୟତା, ବ୍ୟବସାୟିକ ଉତ୍କର୍ଷ।

# ଶ୍ରାବଣ ମାସ ସୋମବାର ବ୍ରତ ସମ୍ପର୍କରେ...



ଦେବ ଦେବ ମହାଦେବଙ୍କର କରୁଣା କାହାକୁ ବା ଅଗୋଚର। ଭକ୍ତି ଭାବରେ ତାଙ୍କୁ ଯିଏ ଆବାହନ କରନ୍ତି ସେ ତାଙ୍କର ସମସ୍ତ ଦୁଃଖ ହରି ନେଇଥାନ୍ତି। ସେଥିପାଇଁ ଅନେକେ ଶ୍ରାବଣ ମାସରେ ସୋମବାର ବ୍ରତ ରଖିଥାନ୍ତି। କାରଣ ସବୁ ମାସ ମଧ୍ୟରେ ଶ୍ରାବଣ ମାସଟି ଭଗବାନ ଭୋଳାନାଥଙ୍କର ପ୍ରିୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତା'ଛଡ଼ା ଏହି ଶ୍ରାବଣ ସୋମବାର ବ୍ରତ କଲେ ଜୀବନରେ ସୁଖ, ଶାନ୍ତି ମିଳିବା ସହ ସ୍ୱାସ୍ଥ୍ୟ ଭଲ ରହିଥାଏ ବୋଲି ସାଧୁମାନେ ମତ ମଧ୍ୟ ଦେଇଥାନ୍ତି। ସେହିପରି ନିଷ୍ଠାର ସହ ଏହି ବ୍ରତ କରୁଥିବା ବ୍ୟକ୍ତି ଅକାଳ ମୃତ୍ୟୁ ତଥା ଦୁର୍ଘଟଣାରୁ ବି ବର୍ତ୍ତି ଯାଇଥାନ୍ତି। ଅନ୍ୟପକ୍ଷେ କୁହାଯାଏ, ଶ୍ରାବଣ ମାସର ସୋମବାର ଦିନ ଘରକୁ ଗଙ୍ଗାଜଳ ଆଣିଲେ ତାହା ଶୁଭଫଳ ପ୍ରଦାନ କରିଥାଏ। ଆଉ ଯଦି ସେହି ଗଙ୍ଗାଜଳକୁ ରୋଷେଇ ଘରେ ରଖି ଦିଆଯାଏ, ତା'ହେଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ଏପରିକି ଏହି ସୋମବାର ଦିନ ରୁପାର ତ୍ରିଶୂଳ ଘରକୁ କିଣିକି ଆଣିଲେ ଘରେ ଥିବା ସମସ୍ତ ନକାରାତ୍ମକ ଉର୍ଜା ନଷ୍ଟ ହୋଇଯାଇଥାଏ ବୋଲି ଲୋକମତ ରହିଛି। ସେହିପରି କୁହାଯାଏ, ଶ୍ରାବଣ ମାସର ପ୍ରତି ସୋମବାର ଦିନ ଯେଉଁ ବ୍ୟକ୍ତି ଭଗବାନ ଭୋଳାନାଥଙ୍କୁ ବେଲପତ୍ର, ଚନ୍ଦନ, ଅକ୍ଷତ, କ୍ଷୀର ଓ ଗଙ୍ଗାଜଳ ପ୍ରଦାନ କରି ଭକ୍ତିର ସହ ୧୦୮ଥର ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିଥାନ୍ତି ତାଙ୍କର ସମସ୍ତ ପାପ କ୍ଷୟ ହୋଇଯାଏ ବୋଲି ଲୋକ ବିଶ୍ୱାସ ମଧ୍ୟ ରହିଛି।

# ପାଠକୀୟ

*ପାକିସ୍ତାନୀ ସୈନ୍ୟ କାର୍ଗିଲ ସେକ୍ଟରରେ ଥିବା ଭାରତୀୟ ସୀମାକୁ ଲଘଂନ କରି ତାକୁ ଅକ୍ତିଆର କରି ନେଇଥାନ୍ତି। ସେମାନଙ୍କୁ ପାଲଟା ଜବାବ ଦେବା ପାଇଁ ହିଁ ଆରମ୍ଭ ହୋଇଥିଲା କାର୍ଗିଲ ଯୁଦ୍ଧ। ଆଉ ଶେଷରେ ଭାରତୀୟ ସେନା ଭାରତ ମାତାର ମଥାରେ ପିନ୍ଧେଇଥିଲେ ବିଜୟର ତିଳକ। ଯା' ଭିତରେ ବିତିଗଲାଣି ୨୨ ବର୍ଷ। ତଥାପି ଯୁଦ୍ଧ ଭୂମିରୁ ସୁରକ୍ଷିତ ଫେରିଥିବା ବୀର ଯବାନଙ୍କ ମନରୁ ଲିଭିନି ତା'ର ସ୍ମୃତି। ଏମିତି ଏକ ହୃଦୟସ୍ପର୍ଶୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'କଥା କାର୍ଗିଲର' ଆଲେଖ୍ୟଟି ଖୁବ୍ ମନଛୁଆଁ ହୋଇଥିଲା। 'ସୁସ୍ୱାସ୍ଥ୍ୟ ପାଇଁ ପାନୀୟ' ପାଠଟି ବି ବେଶ୍ ଶିକ୍ଷଣୀୟ ଥିଲା।

**–ଅଶୋକ କୁମାର ନାୟକ, ପାତ୍ରପଡ଼ା, ଭୁବନେଶ୍ୱର**

*ଏଥରର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'କଥା କାର୍ଗିଲର' ଆଲେଖ୍ୟଟି ମୋତେ ପଢ଼ିବାକୁ ବହୁତ ଭଲ ଲାଗିଲା। ଏଥିରୁ ବର୍ଡ଼ରରେ କାମ କରୁଥିବା ସୈନ୍ୟଭାଇମାନଙ୍କ କଷ୍ଟଦାୟକ ଜୀବନ ତଥା ମାତୃଭୂମି ପାଇଁ ଥିବା ସେମାନଙ୍କ ତ୍ୟାଗ ସମ୍ପର୍କରେ ଜାଣି ଆଶ୍ଚର୍ଯ୍ୟ ବି ଲାଗିଲା। ତେଣୁ ଏଭଳି ଏକ ଭିନ୍ନ ସ୍ୱାଦର ପ୍ରଚ୍ଛଦ ପ୍ରସଙ୍ଗ ପ୍ରକାଶ କରିଥିବାରୁ ଛୁଟିଦିନର ଟିମ୍‌କୁ ମୋର ଅଶେଷ ଅଶେଷ ଧନ୍ୟବାଦ। 'ଡାଲଚିନିର କ'ଣ ସବୁ ଉପକାର ରହିଛି' ସେ ବିଷୟରେ ବି ଏଥରର ଛୁଟିଦିନରୁ ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରେ ସ୍ଥାନିତ ଲୋକପ୍ରିୟ ଗୀତିକବି ଓ ନାଟ୍ୟକାର ବୃନ୍ଦାବନ ଜେନାଙ୍କ ଜୀବନ ସମ୍ପର୍କରେ ଅନେକ କିଛି ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

**–ମମତା ମହାନ୍ତି, ରାଜାବଗିଚା, ଖୋର୍ଦ୍ଧା**

*ସୃଜନ ପୃଷ୍ଠାରେ ସ୍ଥାନିତ 'ପିଲାଏ ଅଛନ୍ତି' ନାମକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। ସେହିପରି 'କାଳୀଝିଅ' ଏବଂ 'ମାଟି' ନାମକ କବିତା ଦୁଇଟି ବି ହୃଦୟସ୍ପର୍ଶୀ ଲାଗୁଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ 'ଶେଷରେ ରାଜି ହେଲେ କ୍ୟାଟ୍ରିନା', 'ସତ ମାନିଲେ ମୃଣାଳ' ଏବଂ 'ଭୁଲି ପାରୁନାହାନ୍ତି ଭୂମିକା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇପାରିଥିଲା। ତା'ଛଡ଼ା ପ୍ରଥମ ରୋଜଗାର ସ୍ତମ୍ଭରେ ପ୍ରକାଶିତ ସାହିତ୍ୟିକ ଲକ୍ଷ୍ମଣ କୁମାରଙ୍କ ରୋଜଗାର ସମ୍ପର୍କିତ ଆଲେଖ୍ୟଟି ବି ମୋ ମନକୁ ବେଶ୍ ଛୁଇଁ ଯାଇଥିଲା।

**–ତନ୍ମୟ ପ୍ରଧାନ, ସମ୍ବଲପୁର**

*ଧରିତ୍ରୀର ଛୁଟିଦିନରେ ପ୍ରକାଶିତ ହୋଇଥିବା 'ଷ୍ଟାଇଲିଶ୍ ଲୁକ୍ ପାଇଁ ଟାଟୁ' ବିଷୟଟି ଖୁବ୍ ଭଲ ହୋଇଥିଲା। କିନ୍ତୁ ଶରୀରରେ ଟାଟୁ କରିବା ଅନେକ ସମୟରେ ମାରାତ୍ମକ ରୋଗର କାରଣ ବି ହୋଇଥାଏ। ତେଣୁ ମୋ ମତରେ ଭଗବାନଙ୍କ ପ୍ରଦତ୍ତ ଆମର ଏହି ସୁନ୍ଦର ଶରୀରକୁ ଟାଟୁ କରି ନଷ୍ଟ କରିବା ପରିବର୍ତ୍ତେ ଯଦି ତାକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାକୁ ଚେଷ୍ଟା କରିବା ତା'ହେଲେ ତାହା ଆହୁରି ଆକର୍ଷଣୀୟ ଲାଗିପାରିବ। ସେହିପରି ଏଥରର ସହର ପୃଷ୍ଠାରେ ପ୍ରକାଶିତ 'ଧାର୍ମିକ ମହତ୍ତ୍ୱରେ ଭରା ଅଓ୍ୱଣ୍ଡିପୋରା' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

**–ଶ୍ରୀ ସ୍ୱସ୍ତିକ ଷଡ଼ଙ୍ଗୀ, ବାଙ୍ଗାଲୋର**

## ବିଶେଷ ଚିଠି



ଛୁଟିଦିନ ତୁମେ ଅନୁପମ
ପତ୍ରିକା ମଧ୍ୟେ ସର୍ବୋତ୍ତମ,
ଷୋହଳ ପୃଷ୍ଠାରେ ତୁମେ ଗଢ଼ା
ବାଣ୍ଟୁଥାଅ ସର୍ବଦା ପ୍ରୀତି ଅଭଡ଼ା।
ଭାରି ଭଲ ଲାଗେ ତୁମ ପାଠ ସବୁ
ମନରୁ ପୋଛିନିଏ ଦୁଃଖ ଯେତେ ସବୁ,
ଭଗବାନଙ୍କ ନିକଟେ ଏତିକି ମିନତି
ତୁମେ ଆସୁଥାଅ ଏହିପରି ନିତି।

**–ସଞ୍ଜୟ ପ୍ରଧାନ, ନିମାପଡ଼ା, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ପ୍ରାଣୀ ସୁରକ୍ଷାରେ ଗ୍ରାମବାସୀ

**ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଜଙ୍ଗଲରେ ପଶୁ ପକ୍ଷୀ କିପରି ନିର୍ଭୟରେ ଓ ଶାନ୍ତିରେ ରହିପାରିବେ, ତାକୁ ନେଇ ଏବେ ଅଣ୍ଟା ଭିଡ଼ିଛନ୍ତି କେତେକ ଗ୍ରାମର ଗ୍ରାମବାସୀ....**

**ମହାବୀର ପକ୍ଷୀ ସୁରକ୍ଷା କମିଟି**-ପ୍ରାକୃତିକ ପରିବେଶରେ ଭରା ଓଡ଼ିଶା।ଏହାର ଜଙ୍ଗଲ, ପାହାଡ଼, ନଦୀ, ଝରଣା, ହ୍ରଦ ଓ ସମୁଦ୍ରର ବେଳାଭୂମି ଖୁବ୍ ମନୋରମ।ଏପରି ସ୍ଥାନରେ ବିଭିନ୍ନ ପଶୁପକ୍ଷୀ ଆଦି ଜୀବଜନ୍ତୁଙ୍କ ସୁରକ୍ଷା ନିମନ୍ତେ କେତେକ ଗ୍ରାମବାସୀ ଓ ଜଙ୍ଗଲବିଭାଗର କର୍ମଚାରୀମାନେ ପଦକ୍ଷେପ ନେଉଛନ୍ତି। ସେମିତି ଏକ ସ୍ଥାନ ହେଲା – ଖୋର୍ଦ୍ଧା ଜିଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଚିଲିକା ଉପକୂଳବର୍ତ୍ତୀ ମଙ୍ଗଳାଯୋଡ଼ି ଗାଁ । ବିଶେଷକରି ଶୀତଦିନେ ମଙ୍ଗଳାଯୋଡ଼ି -ଚିଲିକାନାସିକୁ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ନାନା ପ୍ରଜାତିର ପକ୍ଷୀ ଆସିଥାନ୍ତି। ଏହାର ପରିବେଶରେ ପକ୍ଷୀମାନଙ୍କ ପାଇଁ ପ୍ରଚୁର ପରିମାଣରେ ଖାଦ୍ୟ ମିଳୁଥିବାରୁ ସମୟକ୍ରମେ ବର୍ଷର ସବୁ ସମୟରେ ବହୁସଂଖ୍ୟକ ପକ୍ଷୀ ବାସ କରିଥାନ୍ତି। କିନ୍ତୁ ଅନେକ ସମୟରେ ଚିଲିକାରେ ପକ୍ଷୀ ଶିକାରୀଙ୍କ କୋପଦୃଷ୍ଟି ଯୋଗୁ ପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗିଥିଲା। ମାତ୍ର ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ପରିବେଶବିତ୍ ଏହାର ସମାଧାନ ଚିନ୍ତା କଲେ । ପକ୍ଷୀ ସଂରକ୍ଷକମାନଙ୍କ ସହଯୋଗରେ ପକ୍ଷୀ ସୁରକ୍ଷା କରାଗଲା। ଫଳରେ ମଙ୍ଗଳାଯୋଡ଼ି ପରିବେଶରେ ପୁଣି ପକ୍ଷୀସଂଖ୍ୟା ବଢ଼ିଲା। ପ୍ରାୟ ୨୦୦ରୁ ଅଧିକ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ସମାଗମ ହେଲା। ପ୍ରତିବର୍ଷ ପାଖାପାଖି ଏହି ଅଞ୍ଚଳକୁ ପ୍ରାୟ ୧ଲକ୍ଷ ୫୦ ହଜାରରୁ ଅଧିକ ସଂଖ୍ୟାରେ ପକ୍ଷୀଙ୍କ ସମାଗମ ଯୋଗୁ ଏହି ଅଞ୍ଚଳର ଶୋଭା ବଢ଼ିଲା। ଚିଲିକାର ବିଭିନ୍ନ ସ୍ଥାନକୁ ବୁଲିଆସୁଥିବା ପର୍ଯ୍ୟଟକମାନେ ମଙ୍ଗଳାଯୋଡ଼ିର ପକ୍ଷୀ ବିହାର ଦେଖିବାକୁ ଆସିଲେ। ଧୀରେ ଧୀରେ ପର୍ଯ୍ୟଟକଙ୍କ ଭିଡ଼ ଜମିଲା। ସ୍ଥାନୀୟ ଗ୍ରାମବାସୀ ପର୍ଯ୍ୟଟକଙ୍କୁ ଦେଖି ସଚେତନ ହେଲେ। ପରିବେଶବିତ୍ ନନ୍ଦକିଶୋର ଭୁଜବଳ କୁହନ୍ତି, ୧୯୬୮ମସିହାର କଥା, ଥରେ ଗାଁ ନିକଟରେ ଗୋଟିଏ ବଗକୁ ଗୁଳିକରି ମାରିଦେଇଥିଲି। କିନ୍ତୁ ସେହି ବଗଟି ତା'ର ଚଞ୍ଚୁରେ କାଠିକୁଟା ଧରିଥିଲା । ଏହା ମତେ ଖୁବ୍ ମର୍ମାହତ କରିଥିଲା। ତା'ପରେ ଚିନ୍ତାକଲି ପକ୍ଷୀସୁରକ୍ଷା କିପରି କରିହେବ। ଅନ୍ୟପକ୍ଷେ ସେତେବେଳେ ଚିଲିକାରେ ବହୁଳମାତ୍ରାରେ ପକ୍ଷୀ ଶିକାର ହେଉଥିଲା। ଏଥିପାଇଁ ମଙ୍ଗଳାଯୋଡ଼ି ଗାଁରେ ପକ୍ଷୀସୁରକ୍ଷା ପାଇଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଓ ଟାଙ୍ଗି ବନବିଭାଗ ସହଯୋଗରେ ପକ୍ଷୀସୁରକ୍ଷା କରାଗଲା। ପକ୍ଷୀ ଶିକାରରୁ ନିବୃତ୍ତ ରହିବା ପାଇଁ ଗ୍ରାମବାସୀଙ୍କ ସହଯୋଗରେ ୧୯୯୬ ମସିହାଠାରୁ ପକ୍ଷୀସୁରକ୍ଷା କମିଟି ଗଠନ ହୋଇଛି। ଚିଲିକା ୱାଇଲ୍ଡ ଲାଇଫ ଡିଭିଜନ ତରଫରୁ ପଦକ୍ଷେପ ନିଆଯାଇଛି। ସିଡିଏ ତରଫରୁ ବିଭିନ୍ନ ଜନସଚେତନତା କରାଯାଇଥାଏ । ୨୦୦୬-୨୦୦୭ରେ ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ବିଜୁ ପଟ୍ଟନାୟକ ପୁରସ୍କାର ମିଳିଛି। ମହାବୀର ପକ୍ଷୀ ସୁରକ୍ଷା ସମିତିର ରାମହରି ବେହେରା କୁହନ୍ତି, ଆଜକୁ ପ୍ରାୟ୨୫ବର୍ଷ ତଳେ ଚିଲିକାରୁ ପକ୍ଷୀଶିକାର କରୁଥିଲି । ମାତ୍ର ଏବେ ପକ୍ଷୀସୁରକ୍ଷା ପାଇଁ ଲୋକଙ୍କୁ ଜନସଚେତନତା କରାଉଛି। ପୁଣି ପକ୍ଷୀସୁରକ୍ଷା ଯୋଗୁ ୨୪ଟି ଦେଶୀଡଙ୍ଗା ପାଇଁ ୪୬ଜଣ ବୋଟ୍‌ମ୍ୟାନ, ୨୦ଜଣ ଗାଇଡ୍ ଏହି ସ୍ଥାନକୁ ଆସୁଥିବା ପର୍ଯ୍ୟଟକଙ୍କୁ ଚିଲିକା ବୁଲେଇବା କାର୍ଯ୍ୟ କରିଥାନ୍ତି। କିନ୍ତୁ ପର୍ଯ୍ୟଟନ ଋତୁରେ ମାସିକ ରୋଜଗାର ଭଲ ହୋଇଥାଏ। ସେହିପରି ପରିବେଶବିତ୍ ଶଶାଙ୍କଶେଖର ଦାସ କୁହନ୍ତି, ଏହି ଅଞ୍ଚଳର ପ୍ରାକୃତିକ ପରିବେଶ ପୃଥିବୀ ମାନଚିତ୍ରରେ ନିଆରା । ବିହଙ୍ଗବିହାର ବୁଲିବାକୁ ଆସୁଥିବା ଅତିଥିମାନଙ୍କ ବିଶ୍ରାମ ପାଇଁ ମଙ୍ଗଳାଯୋଡ଼ିରେ ଇକୋଟୁରିଜମ କ୍ୟାମ୍ପସ ରହିଛି। ଗ୍ରାମୀଣ ଶୈଳୀରେ ଦେଶୀଗୃହ ନିର୍ମାଣ ହୋଇଛି। ପର୍ଯ୍ୟଟକମାନେ ଏଠାକୁ ଆସିବା ପୂର୍ବରୁ ଇକୋସଂସ୍ଥା ସହିତ ଯୋଗାଯୋଗ କରିବାକୁ ପଡ଼ିଥାଏ। ତେବେ ମଙ୍ଗଳାଯୋଡ଼ି ବିହଙ୍ଗଭବନ, ଆର୍ଦ୍ରଭୂମିରେ ପକ୍ଷୀମାନଙ୍କ ସମାଗମ ଦେଖିବାର ଅନୁଭୂତି ନିଆରା।

**କୃଷ୍ଣସାର ମୃଗ ସୁରକ୍ଷା କମିଟି:** ଗଞ୍ଜାମ ଜିଲାର ଦକ୍ଷିଣ-ଘୁମୁସର ବନଖଣ୍ଡ ଅନ୍ତର୍ଗତ ଆସିକା ବନାଞ୍ଚଳର ଭେଟନଇ ଅଞ୍ଚଳ ବିରଳ କୃଷ୍ଣସାର ମୃଗ ପାଇଁ ରାଜ୍ୟ ଭୌଗୋଳିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । କେଉଁ କାଳରୁ ଏଠାରେ ଏମାନେ ବାସ କରି ଆସୁଛନ୍ତି, ଏହାର କୌଣସି ନିର୍ଦ୍ଦିଷ୍ଟ ସ୍ପଷ୍ଟ ସୂଚନା ଏଯାଏ ଜଣା ପଡ଼ିନାହିଁ। ଅଞ୍ଚଳବାସୀଙ୍କ ସୁରକ୍ଷା ଦୟାଶୀଳ ମନୋଭାବରୁ ଉକ୍ତଅଞ୍ଚଳରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଅନୁମେୟ କରିହୁଏ। ପ୍ରଥମାବସ୍ଥାରେ ଏହି ପ୍ରାଣୀଙ୍କୁ ଭେଟନଇ ଅଞ୍ଚଳରେ ହିଁ ଠାବ କରାଯାଇଥିଲା। ଆଖପାଖ ଗ୍ରାମର ଲୋକମାନେ ଏମାନଙ୍କ ସୁରକ୍ଷା ପାଇଁ ଚିନ୍ତାକଲେ। ଅମୂଲ୍ୟ କୁମାର ଉପାଧ୍ୟାୟ (ଅଧ୍ୟକ୍ଷ କୃଷ୍ଣସାର ସୁରକ୍ଷା କମିଟି) କୁହନ୍ତି- ପ୍ରଥମେ ୧୯୯୭ ମସିହାରେ ବନସୁରକ୍ଷା କମିଟି ଗଠନ ହେଲା। ୨୦୦୩ରେ ଏହି ବନ୍ୟାଞ୍ଚଳ ଅଧୀନ ଡିଏଫ୍ଓଙ୍କ ଦ୍ୱାରା ପୁଣି ୭ଜଣିଆ ସୁରକ୍ଷା କମିଟି ଗଠନ କରାଯାଇଥିଲା। ପରେ ସମିତି ପକ୍ଷରୁ ଆସିକା ଓ ବୁଗୁଡ଼ା ବନାଞ୍ଚଳର ପ୍ରାୟ ୨୦ଖଣ୍ଡ ଗ୍ରାମକୁ ନେଇ ୨୦ଜଣ ସଦସ୍ୟ ସମେତ ୨ଜଣ ଏକ ଘରୋଇ ସାମାଜିକ ସଂସ୍ଥାର ସଦସ୍ୟ ଅଛନ୍ତି।କିନ୍ତୁ ସମିତିର କିଛିମାସ ହେବ ବୈଠକ ହୋଇନାହିଁ ମାତ୍ର ବିଭିନ୍ନ ସମୟରେ ଗାଁମାନଙ୍କୁ ଯାଇ ସାଧାରଣ ଲୋକଙ୍କ ମଧ୍ୟରେ ଜନସଚେତନତା କରାଯାଉଛି। ବିଶେଷକରି ଜୁନ୍‌ରୁ ଜାନୁୟାରୀ ମାସ ମଧ୍ୟରେ ବହୁସଂଖ୍ୟକ କୃଷ୍ଣସାରମୃଗ ପଡ଼ିଆରେ ଚରାବୁଲା କରୁଥିବା ଦେଖିବାକୁ ମିଳେ।ଅନ୍ୟପକ୍ଷେ କୃଷ୍ଣସାର ମୃଗଙ୍କ ବିଚରଣ ଅଞ୍ଚଳରେ ରହିଥିବା କେତେକ ଘରୋଇ ଜମିରେ ତାରବାଡ଼ ଏହି ପ୍ରାଣୀଙ୍କ ପାଇଁ ଘୋର ଅସୁବିଧାର ସୃଷ୍ଟି କରୁଛି। କିନ୍ତୁ ବିଭିନ୍ନ ସମୟରେ କୃଷ୍ଣସାର

→











ମୃଗଙ୍କ ଦୁର୍ଘଟଣାଜନିତ ପରିସ୍ଥିତିରେ ଆଶୁ ଚିକିତ୍ସା ଲାଗି ୨୦୧୫ରେ ଚାରିମାଇଲସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଥିବା କୃଷ୍ଣସାର ଶୁଶ୍ରୂଷା କେନ୍ଦ୍ରରେ ଚିକିତ୍ସା ସୁବିଧା ହୋଇପାରୁନାହିଁ । ତେବେ କୃଷ୍ଣସାର ମୃଗଙ୍କ ପାଇଁ ଆମ ରାଜ୍ୟର ନିଆରା ପରିଚୟ ସୃଷ୍ଟି ହୋଇଛି। ୨୦୦୪-୫ରେ ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ବିଜୁ ପଟ୍ଟନାୟକ ପୁରସ୍କାର ମିଳିଛି। କୃଷ୍ଣସାର ମୃଗଙ୍କ ସୁରକ୍ଷାଲାଗି ଅଧିକ ପାଣ୍ଠିର ଆବଶ୍ୟକତା ରହିଛି। ଅନ୍ୟପକ୍ଷେ ପ୍ରସନ୍ନ କୁମାର ସାହୁ (ବନାଞ୍ଚଳ ଅଧିକାରୀ, ଆସିକା) କୁହନ୍ତି ୧୯୭୩ ମସିହାରେ ଘୁମୁସର ବନଖଣ୍ଡରେ ହୋଇଥିବା ପ୍ରଥମ ମୃଗ ଗଣତିରେ ଏମାନଙ୍କ ସଂଖ୍ୟା ୫୨୩ ରହିଥିଲା। ପରବର୍ତ୍ତୀ ସମୟରେ ଏମାନଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ୨୦୨୧ରେ ହୋଇଥିବା ମୃଗ ଗଣତିରେ ଆସିକା ବନାଞ୍ଚଳରେ ୧୭୭୩ମୃଗ ରହିଥିବା ପରିସଂଖ୍ୟାନରୁ ଜଣାପଡ଼ିଛି । ଦିନକୁ ଦିନ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଖାଦ୍ୟ ଅନ୍ୱେଷଣରେ ଏମାନେ ଦକ୍ଷିଣ ଘୁମୁସର ବନଖଣ୍ଡର ଆସିକା, ବୁଗୁଡା , ପୋଲସରା ସେହିପରି ଉତ୍ତର ଘୁମୁସର ବନଖଣ୍ଡର ବେଲଗୁଣ୍ଠା ଓ ଜଗନ୍ନାଥ ପ୍ରସାଦ ବନାଞ୍ଚଳ ଏବଂ ବ୍ରହ୍ମପୁର ବନଖଣ୍ଡର ଦିଗପହଣ୍ଡି ଓ ଖଲ୍ଲିକୋଟ ବନାଞ୍ଚଳକୁ ମଧ୍ୟ ଯାଉଥିବା ଜଣାପଡ଼ିଛି । ତେବେ ଏମାନଙ୍କ ପାଇଁ ଅନେକ ସମୟରେ ଖାଦ୍ୟ ଓ ବାସସ୍ଥାନ ପାଇଁ ସମସ୍ୟା ଦେଖାଦେଇଥାଏ। ସରକାରଙ୍କ ପକ୍ଷରୁ ଆସିକା ତହସିଲର ଭେଟନଈ, ନାରାୟଣପୁର, ବଜ୍ରକୋଟ, ପାଣ୍ଡିଆପଥର, ଭେଜିପୁଟ, ସାନ୍ତରାପୁର, ସିଦ୍ଧନୟୀ, ଗହଙ୍ଗୁ, ଧନିଜା, ଦାନଚନ୍ଦନପେଢି, ଫାପଲପୁର ଏବଂ ବୁଗୁଡା ତହସିଲର ଢେଉପା, ତାଲସାକର,ଖୋଲଖାଲି, ବୁରୁଖୋଲା, କାଞ୍ଚିଆପଲ୍ଲୀ, ରାମଣ୍ଡା, ବାଲିପଦର ଆଦି ଗ୍ରାମାଞ୍ଚଳର ପ୍ରାୟ ୭୬୦୦ ହେକ୍ଟର ଅଞ୍ଚଳକୁ କମ୍ୟୁନିଟି ରିଜର୍ଭ(ଗୋଷ୍ଠୀ ସଂରକ୍ଷଣ ସ୍ଥଳି) ଘୋଷଣା ଲାଗି ସରକାରୀ ସ୍ତରରୁ ପ୍ରସ୍ତାବ ରହିଥିଲେ ମଧ୍ୟ ଏଯାଏ କାର୍ଯ୍ୟକାରୀ ହୋଇପାରିନାହିଁ। ସାଧାରଣ ଲୋକଙ୍କ ଚାଷଜମିରେ କୃଷ୍ଣସାର ବିଚରଣ କରି ମୁଗ, ବିରି, କାନ୍ଦୁଲ, ମାଣ୍ଡିଆ ଖାଇଥାନ୍ତି। ବନାଞ୍ଚଳକୁ ଆସୁଥିବା ସାମାନ୍ୟ ଅନୁଦାନରେ ବନାଞ୍ଚଳ ପକ୍ଷରୁ ବିଭିନ୍ନ ଚଣାଜାତୀୟ ଫସଲ କେତେକ ସରକାରୀ ଜମିରେ ଚାଷ କରାଯାଉଥିବା ଜଣାଯାଇଛି । କୃଷ୍ଣସାରମୃଗଙ୍କ ପେଟ ରୋଗରୁ ଉପଶମ ପାଇଁ ଚାରଣ ଭୂମି ଅଞ୍ଚଳରେ ବନ ବିଭାଗ ପକ୍ଷରୁ ସୈନ୍ଧବ ଲବଣ ଯୁକ୍ତ ପାଣି କୁଣ୍ଡ ମଧ୍ୟ ରଖାଯାଇଛି । ଏପରି କି ବେଳେବେଳେ ଏମାନେ ରାସ୍ତା ପାରବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥାନ୍ତି । ତେବେ ବନ ବିଭାଗ ପକ୍ଷରୁ ସୁରକ୍ଷା ଲାଗି ବିଭିନ୍ନ ରାସ୍ତାଘାଟରେ ସୂଚନା ଫଳକ ଲଗାଯାଇଛି।କୃଷ୍ଣସାର ମୃଗ ଲାଗି ଆସିକା ବନାଞ୍ଚଳ ରାଜ୍ୟ ପାଇଁ ଗୌରବ ଆଣିଥିଲାବେଳେ ଏହି ଜୀବର ସୁରକ୍ଷା ଓ ଖାଦ୍ୟପାନୀୟ ଲାଗି ସେଭଳି କିଛି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ । ୨୦୦୫ରୁ ଘୁମୁସର ବନଖଣ୍ଡ ପକ୍ଷରୁ କମ୍ୟୁନିଟି ରିଜର୍ଭ ଲାଗି ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିଲେ ଏମାନଙ୍କ ଜୀବନ ଲାଗି ଯଥେଷ୍ଟ ସହାୟକ ହୋଇପାରିବ।

**ମୟୂର ସୁରକ୍ଷା କମିଟି**-:ଗଞ୍ଜାମ ଜିଲାର ଶେରଗଡ଼ ଓ ଆସିକା ଅଞ୍ଚଳକୁ ଲମ୍ବିଛି ପାକିଡ଼ି ପର୍ବତାଞ୍ଚଳ। ଏହି ଅଞ୍ଚଳରେ ବହୁଳ ସଂଖ୍ୟାରେ ମୟୂରବାସ କରନ୍ତି। ତେବେ ଏହି ଜାତୀୟ ପକ୍ଷୀଙ୍କ ସୁରକ୍ଷା ନିମନ୍ତେ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ଓ ଜଙ୍ଗଲ ବିଭାଗର କର୍ମଚାରୀ ଚିନ୍ତାକଲେ। ଶେରଗଡ଼ ବନବିଭାଗର ଆକଳନ ଅନୁସାରେ ପ୍ରାୟ ୧୭୫୦ ହେକ୍ଟର ପରିମିତ ଜମିର ସଂରକ୍ଷିତ ଏହି ଜଙ୍ଗଲ ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ। ଏଠାର ପରିବେଶରେ ମୟୂରମାନଙ୍କ ସମାଗମ ଓ କଳରବ ଏକନିଆରା ଅନୁଭୂତି ସୃଷ୍ଟିକରିଥାଏ। ବିଶେଷକରି ସୂର୍ଯ୍ୟ ଉଇଁବା ଠାରୁ ଦିନ ପ୍ରାୟ୧୦ଟାଯାଏ ପୁଣି ଅପରାହ୍ନ ୩ଟାରେ ପାକିଡ଼ି ପାହାଡ଼ ପାଦଦେଶରେ ମୟୂରମାନେ ବିଚରଣ କରୁଥିବାର ଦେଖିବାକୁ ମିଳେ। ମୟୂରଙ୍କ ସୌନ୍ଦର୍ଯ୍ୟ ଦେଖଣାହାରୀଙ୍କୁ ବିଭୋର କରିଦିଏ। ଅନ୍ୟପକ୍ଷେ ଆସିକାକୁ ସଂଯୋଗ କରୁଥିବା ଜାତୀୟ ରାଜପଥରେ ବି ମୟୂରମାନେ ଚଳପ୍ରଚଳ କରୁଥିବାର ଦେଖିବାକୁ ମିଳେ। ତେବେ ଏହି ମୟୂରଙ୍କ ସୁରକ୍ଷା ନିମନ୍ତେ ଏହି ଅଞ୍ଚଳର ଶୋଭାଚନ୍ଦ୍ରପୁର, ଆମମ୍ବୁଆବାଡ଼ି, କେରିକେରିଖୋଲା, ସମଲେଇଗୁଡ଼ା, ନୂଆଗାଁ, କରନୋଳି, ତେରମାରିଆ, ପାକିଡ଼ି, ଖଡ଼ଭାଗ, ଖଣ୍ଡ ଦେଉଳୀ ଆଦି ପ୍ରାୟ ୧୫ଖଣ୍ଡ ଗାଁର ବାସିନ୍ଦାଙ୍କ ସହଯୋଗରେ ଗଠନ କରାଯାଇଛି ବନସୁରକ୍ଷା ସମିତି। ଏହି ସମିତି ଜରିଆରେ ମୟୂର ସୁରକ୍ଷା ପାଇଁ ଜନସଚେତନତା କରାଯାଇଥାଏ। ଶେରଗଡ଼ ଫରେଷ୍ଟର ପ୍ରଦୀପ କୁମାର ମିଶ୍ର କୁହନ୍ତି, ମୟୂରଙ୍କ ସୁରକ୍ଷା ନିମନ୍ତେ ବନକର୍ମଚାରୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ଗଠନ କରାଯାଇଥିବା ବନସୁରକ୍ଷା କମିଟି ମୟୂରମାନଙ୍କ ଗତିବିଧି ଉପରେ ନଜର ରଖିଥାନ୍ତି। ଜଙ୍ଗଲର ପାଦଦେଶରେ ଲାଗି ରହିଥିବା ପାକିଡ଼ି ପାହାଡ଼ର ଚାରିପଟେ ଜାଲି ବ୍ୟବସ୍ଥା କରାଯାଇଛି। ବର୍ଷାଦିନକୁ ବାଦ୍ ଦେଲେ ଅନ୍ୟ ଦିନରେ ମୟୂରମାନଙ୍କ ପାଣି ପିଇବା ନିମନ୍ତେ ପାଣିକୁଣ୍ଡର ବ୍ୟବସ୍ଥା କରାଯାଇଛି। ୪ଜଣ ଅସ୍ଥାୟୀ କର୍ମଚାରୀ ନିଯୁକ୍ତ ଅଛନ୍ତି। ସ୍ଥାନୀୟ ଅଞ୍ଚଳର କୃଷକମାନେ ବିଲରେ କାମକରୁଥିବା ବେଳେ ଏମାନଙ୍କ ନିକଟରେ ମୟୂରମାନେ ଚଳପ୍ରଚଳ କରୁଥିବାର ନଜର ରହିଛି। କିନ୍ତୁ ପାକିଡ଼ି ପାହାଡ଼ ଅଞ୍ଚଳରେ ପ୍ରାୟ ୨ହଜାରରୁ ଅଧିକ ମୟୂର ବାସକରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ମୟୂର ସୁରକ୍ଷା ସମିତିର ସଭାପତି ସମୀର ପ୍ରଧାନ କୁହନ୍ତି, ଆମେ ଦୀର୍ଘ ୫୦ବର୍ଷହେଲା ଏଠାରେ ମୟୁରଙ୍କୁ ଦେଖିଆସୁଛୁ। ମୟୂର ଆମମାନଙ୍କ ଅତି ଆପଣାର ବନ୍ଧୁ । ତେବେ ଗ୍ରାମବାସୀ ଓ ଜଙ୍ଗଲ ବିଭାଗ ସହଯୋଗରେ ଏମାନଙ୍କ ସୁରକ୍ଷା ଯୋଗୁ ଗାଁ ବନସୁରକ୍ଷା ସମିତିକୁ ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ୨୦୦୫-୬ରେ 'ବିଜୁ ପଟ୍ଟନାୟକ' ପୁରସ୍କାର ଏବଂ ଏକଲକ୍ଷ ଟଙ୍କା ମିଳିଛି। ୨୦୦୯ରେ ମୟୂରମାନଙ୍କ ସୁରକ୍ଷା ପାଇଁ 'ପ୍ରକୃତିମିତ୍ର' ପୁରସ୍କାର ମିଳିଛି। ଏହି ପରିବେଶର ମୟୂରମାନଙ୍କ ବିଶ୍ରାମ ପାଇଁ ଗୃହ ନିର୍ମାଣ ଏବଂ ମୟୂରଙ୍କ ସୁରକ୍ଷା ଦିଗରେ ଅଧିକ କର୍ମଚାରୀ ନିୟୋଜିତ ହେବାର ଆବଶ୍ୟକତା ରହିଛି। ଏହି ଅଞ୍ଚଳକୁ ମୟୂର ଅଭୟାରଣ୍ୟଭାବେ ମାନ୍ୟତା ମିଳିଲେ ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରନ୍ତା

**-ବନବିହାରୀ ବେହେରା,ସୁରେନ୍ଦ୍ରନାଥ ସାହୁ,ସୂର୍ଯ୍ୟନାରାୟଣ ଦାଶ**





**ଓଡ଼ିଶା ଜଙ୍ଗଲ ଆଇନ:** ୧୯୭୨ ମସିହାରୁ ଓଡ଼ିଶା ଜଙ୍ଗଲ ଆଇନ କାର୍ଯ୍ୟକାରୀ ହୋଇଛି। ଏହା ପୂର୍ବରୁ ଓଡ଼ିଶାରେ ଭାରତ ଜଙ୍ଗଲ ଆଇନ ଓ ମାଡ୍ରାସ ଜଙ୍ଗଲ ଆଇନ କାର୍ଯ୍ୟକାରୀ ହୋଇଥିଲା। ଉପରୋକ୍ତ ଦୁଇ ଆଇନ ଓଡ଼ିଶା ପାଇଁ ଉପଯୋଗୀ ହୋଇ ନ ପାରିବାରୁ ରାଜ୍ୟ ସରକାର ଓଡ଼ିଶା ଜଙ୍ଗଲ ଆଇନ ୧୯୭୨ ପ୍ରଣୟନ କଲେ। ଭାରତୀୟ ସମ୍ବିଧାନର ୫୧ଏ (ଜି) ଧାରାରେ ପ୍ରାକୃତିକ ପରିବେଶ ଯଥା- ଜଙ୍ଗଲ , ହ୍ରଦ, ନଦୀ ଓ ବନ୍ୟଜନ୍ତୁମାନଙ୍କ ନିରାପତ୍ତାର ଉନ୍ନତି ପାଇଁ ପ୍ରତ୍ୟେକ ନାଗରିକ ପଦକ୍ଷେପ ନେବେ ଏବଂ ପ୍ରାଣୀମାନଙ୍କ ପ୍ରତି ସେମାନଙ୍କ ସମବେଦନା ରହିବ ବୋଲି ଉଲ୍ଲେଖ ରହିଛି। ସମ୍ବିଧାନକୁ ସମ୍ମାନ ଦେବା ପାଇଁ ପ୍ରଣୀତ ଜଙ୍ଗଲ ଆଇନରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡବିଧାନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଯଥା-(୧) କୌଣସି ବ୍ୟକ୍ତି ଜଙ୍ଗଲକାଟି ସଫାକଲେ, ନଷ୍ଟକରିବା ଉଦ୍ଦେଶ୍ୟରେ ନିଆଁ ଲଗାଇଲେ, ଜଙ୍ଗଲଜାତ ଦ୍ରବ୍ୟକୁ ବେଆଇନ ଭାବେ ସଂଗ୍ରହ କରିନେଲେ ତାଙ୍କୁ ବର୍ଷେ ଜେଲ ଏବଂ ୧ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ବ୍ୟବସ୍ଥା ରହିଛି। (୨)କୌଣସି ବ୍ୟକ୍ତି ସଂରକ୍ଷିତ ଜଙ୍ଗଲ ଭିତରକୁ ଅନଧିକାର ପ୍ରବେଶକଲେ, ଗୃହପାଳିତ ପଶୁ ଚରାଇଲେ, କୌଣସି ଗଛକାଟିଲେ ବା ନଷ୍ଟକଲେ ତାଙ୍କୁ ୧ହଜାରରୁ ୨ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିଥାଏ। (୩) ଜଙ୍ଗଲ ସଫାକରି ଚାଷକଲେ, ନିର୍ମାଣ କାର୍ଯ୍ୟକଲେ, ସରକାରଙ୍କ ଦ୍ୱାରା ନିୟମକୁ ଅବମାନନା କରି ଶିକାର କଲେ, ମାଛଧରିଲେ, ଯନ୍ତା କିମ୍ବା ଫାଶ ବସାଇ ପଶୁପକ୍ଷୀ ଶୀକାର କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅତିକମରେ ୩ ରୁ ୭ବର୍ଷ ଜେଲ ଏବଂ ଦଶହଜାର ଟଙ୍କା ଜରିମାନା ଦେବାର ବ୍ୟବସ୍ଥା ମଧ୍ୟ ରହିଛି।







# ମୃତ୍ୟୁ ପରେ ବି ଜୀବିତ

**ଏମାନେ ଥିଲେ ମୃତ୍ୟୁର ଖୁବ୍ ନିକଟତର। ବନ୍ଧୁ ପରିଜନ ହରାଇବସିଥିଲେ ତାଙ୍କ ଜିଇଁବାର ଆଶା। ଦୁଃଖରେ ଭାଙ୍ଗିପଡୁଥିଲେ। ତଥାପି ନିଜର ଦୁଃଖକୁ ଚାପି ଅନ୍ୟର ମୁହଁରେ ଖୁସି ଫୁଟାଇବା ପାଇଁ ଜୀବନଦୀପ ଲିଭିଯିବା ପୂର୍ବରୁ ଆପଣାର ସେଇ ମଣିଷର କରାଇଥିଲେ ଅଙ୍ଗଦାନ। ଯେମିତିକି ମୃତ୍ୟୁ ପରେ ବି ନିଜର ସେହି ମଣିଷଟି ଅନ୍ୟ ଶରୀରରେ ରହିବ ଜୀବିତ। ଆଉ ହୋଇଯିବ ଅମର..**

**୬ ଜଣଙ୍କୁ ଜୀବନ ଦାନ ଦେଲେ ସୁରଜ:** ଗଞ୍ଜାମ ଜିଲା, ଭଞ୍ଜନଗର ଅନ୍ତର୍ଗତ ଲାଲସିଂ ଗ୍ରାମର ୨୨ ବର୍ଷୀୟ ସୁରଜ ସେଠୀ ସୁରଟ୍‌ରେ ଏକ କପଡା କମ୍ପାନୀରେ ସୁପରଭାଇଜର ଭାବେ କାମ କରୁଥିଲେ। ସବୁକିଛି ଠିକ୍‌ଠାକ୍ ଚାଲିଥାଏ। ହେଲେ ୨୦୧୯ ଅକ୍ଟୋବର ୨୯ ତାରିଖରେ ହଠାତ୍ ସେ ଏକ ବଡ଼ ଦୁର୍ଘଟଣାର ଶିକାର ହେଲେ। ଆଉ ସେଠାକାର ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଚିକିତ୍ସା କରାଗଲା। ପରେ ତାଙ୍କ ମାମୁଁ ପ୍ରକାଶ ସେଠୀ କାମ କରୁଥିବା ମହାବୀର ହସ୍ପିଟାଲକୁ ସ୍ଥାନାନ୍ତର କରାଗଲା। ଡାକ୍ତର ବହୁତ ଚେଷ୍ଟା କରିଥିଲେ ଅବସ୍ଥାରେ ସୁଧାର ଆଣିବାକୁ। ୪ ଦିନ ହସ୍ପିଟାଲରେ ଚିକିତ୍ସା ଚାଲିଲା। ହେଲେ ନଭେମ୍ବର ୨ ତାରିଖ ଦିନ ଡାକ୍ତର କହିଲେ ସୁରଜଙ୍କର ବ୍ରେନ୍ ଡେଡ୍ ହୋଇଯାଇଛି। କିନ୍ତୁ ଅନ୍ୟ ସବୁ ଅଙ୍ଗ ଠିକ୍ ଅଛି। ବ୍ରେନ୍ ଡେଡ୍ ହୋଇଯାଇଥିବାରୁ ସୁରଜଙ୍କ ବଞ୍ଚିବାର ଆଶା ଆଉ ନ ଥିଲା। ଏହି ସମୟରେ ସୁରଟର ଏକ ଏନ୍‌ଜିଓ ସୁରଜଙ୍କ ବାପା ବାବୁଲି ଓ ମା' ଗୀତାଞ୍ଜଳିଙ୍କୁ ଭେଟି ଅଙ୍ଗଦାନ କରିବାକୁ ବୁଝେଇଥିଲେ। ବଞ୍ଚିବାର ଆଶା ନ ଥିବାରୁ ସୁରଜଙ୍କ ମା'ବାପା ଭାବିଲେ ଅଙ୍ଗଦାନ ମାଧ୍ୟମରେ ଆମ ପୁଅ ଆଉ କାହା ଶରୀରରେ ବଞ୍ଚି ରହିବ। ଲାଗିବ ସେ ଏବେବି ଜୀବିତ। ତେଣୁ ସେମାନେ ଏହି ମହତ କାର୍ଯ୍ୟ ପାଇଁ ରାଜି ହୋଇଯାଇଥିଲେ। ଏହାପରେ ସୁରଜଙ୍କର ହୃତ୍‌ପିଣ୍ଡ, ଯକୃତ୍, ଦୁଇଟିଯାକ କିଡ୍‌ନୀ ଓ ଦୁଇ ଆଖି ୬ଜଣଙ୍କ ଶରୀରରେ ପ୍ରତିରୋପଣ କରାଗଲା। ଆଉ ସେମାନେ ପାଇଲେ ନୂଆ ଜୀବନ। ହୃତ୍‌ପିଣ୍ଡକୁ ମୁମ୍ବାଇର ଫର୍ଟିସ୍ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ଜଣେ ମହିଳାଙ୍କ ଶରୀରରେ ତାହା ପ୍ରତିରୋପଣ ହେଲା। କିଡ୍‌ନୀ ଓ ଯକୃତ୍ ଅହମ୍ମଦାବାଦର ତିନିଜଣଙ୍କ ଶରୀରରେ ପ୍ରତିରୋପଣ କରାଗଲା। ସେହିଭଳି ଦୁଇ ଆଖିକୁ ସୁରଟର ଦୁଇଜଣଙ୍କଠାରେ ପ୍ରତିରୋପଣ କରାଗଲା। ସୁରଜଙ୍କ ମା'ବାପାଙ୍କର ଏଭଳି ମହତ କାର୍ଯ୍ୟରେ ଖୁସି ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଘର କରିବା ପାଇଁ ଜାଗା ଓ ବିଜୁ ପକ୍କା ଘର ଯୋଜନା ଅନୁଯାୟୀ ଘର ପ୍ରଦାନ କଲେ। ତା'ସହ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଏହାବାଦ ଅଙ୍ଗଦାନ କରୁଥିବା ବ୍ୟକ୍ତି ତଥା ଅଙ୍ଗଦାନର ପ୍ରଚାର ପ୍ରସାର କରୁଥିବା ଅନୁଷ୍ଠାନକୁ ସୁରଜଙ୍କ ନାମାନୁସାରେ 'ସୁରଜ ପୁରସ୍କାର' ପ୍ରତିବର୍ଷ ପ୍ରଦାନ କରାଯିବ ବୋଲି ମଧ୍ୟ ଘୋଷଣା କରିଥିଲେ।


ସୁରଜ ସେଠୀ

**ଓଡିଶା ଆନାଟୋମି ବିଲ୍-୨୦୧୨**

୨୦୧୩ ଫେବୃଆରୀ ମାସରେ ଚିକିତ୍ସା ବିଜ୍ଞାନର ଗବେଷଣା ଦିଗରେ ଓଡିଶା ସରକାର ଐତିହାସିକ ପଦକ୍ଷେପ ନେଇ ସର୍ବସମ୍ମତିକ୍ରମେ ଓଡିଶା ବିଧାନସଭାରେ ଓଡିଶା ଆନାଟୋମି ବିଲ-୨୦୧୨ ଗୃହୀତ ହୋଇଥିଲା। ଏହାପରେ ୨୦୧୩ ମେ ପହିଲାରେ ସିପିଆଇ (ଏମ) କର୍ମୀ ରାମଚନ୍ଦ୍ର ନାୟକ ତାଙ୍କ ଶରୀରକୁ ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଦାନ କରି ଦେଇଥିଲେ। ବିଲ୍ ପାସ ହେବା ପରେ ଏହାକୁ ଓଡ଼ିଶାର ପ୍ରଥମ ଶରୀର ଦାନ ଭାବେ ଗ୍ରହଣ କରାଯାଏ।

**ସ୍ତ୍ରୀଙ୍କ ଅଙ୍ଗଦାନ କଲେ ସ୍ୱାମୀ:** ଅଙ୍ଗଦାନର ଏକ ଘଟଣା ବ୍ରହ୍ମପୁରରେ ୨୦୧୮ ମେ ୨ ତାରିଖରେ ବି ଦେଖିବାକୁ ମିଳିଥିଲା। ସିପିଆଇ (ଏମ) ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକଙ୍କ ସ୍ତ୍ରୀ ହେଉଛନ୍ତି କୁସୁମ ଦାଶ। ତାଙ୍କର ଶେଷଇଚ୍ଛା ଥିଲା ତାଙ୍କ ଶରୀରକୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ଦାନ କରି ଦେବା ପାଇଁ। ଯଦ୍ୱାରା ତାଙ୍କ ଶରୀର ଡ଼ାକ୍ତରୀ ଛାତ୍ରୀଛାତ୍ରଙ୍କ ଗବେଷଣା ଓ ଅଧ୍ୟୟନରେ ସହାୟକ ହେବ। ଏହାବାଦ୍ ତାଙ୍କର ଇଚ୍ଛା ଚକ୍ଷୁ ଦାନ କରିବା ମଧ୍ୟ ଥିଲା। ତେଣୁ ଅଳି କିଶୋର କୁସୁମଙ୍କ ଶେଷଇଚ୍ଛା ଅନୁସାରେ ତାଙ୍କ ଚକ୍ଷୁକୁ ଦାନ କରିବା ସହ ଶରୀର ବି ଦାନ କରିଥିଲେ। କୁସୁମଙ୍କଠାରୁ ପ୍ରେରଣା ପାଇଁ ସେତେବେଳେ ୨୯ ଜଣ ସେମାନଙ୍କ ଶରୀର ଦାନ ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ତନ୍ମଧ୍ୟରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜୟନ୍ତିପୁର ଗ୍ରାମର ନୃସିଂହ ସାହୁଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ସାହୁ ମଧ୍ୟ ଥିଲେ। ୨୦୧୮ ମେ ୨୯ରେ ସେ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ବାଇକରେ ବ୍ରହ୍ମପୁର ଆସୁଥିବା ବେଳେ କାଳୁଆ ଛକରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ତାଙ୍କୁ ଏମକେସିଜି ମେଡିକାଲ ଓ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ପରେ ସ୍ଥାନୀୟ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଲକ୍ଷ୍ମୀଙ୍କ ଶରୀରରୁ ଦୁଇଟି କିଡନୀ, ଆଖି ଓ ଲିଭରକୁ ଦାନ କରିବା ଉଦ୍ଦେଶ୍ୟରେ ବାହାର କରାଯାଇଥିଲା। ଆନ୍ଧ୍ରପ୍ରଦେଶର କାକିନାଡ଼ା ଓ ହାଇଦ୍ରାବାଦର ଦୁଇଜଣଙ୍କ ଶରୀରରେ ତାଙ୍କ କିଡ଼ନୀକୁ ପ୍ରତିରୋପଣ କରାଯାଇଥିବା ବେଳେ ଲକ୍ଷ୍ମୀଙ୍କ ଚକ୍ଷୁକୁ ଦୁଇଜଣ ଶିଶୁଙ୍କୁ ଏବଂ ତାଙ୍କ ଲିଭରକୁ ୧୪ ବର୍ଷିୟ ଜଣେ ଯୁବକଙ୍କୁ ଦାନ କରାଯାଇଥିଲା। ଫଳରେ ଲକ୍ଷ୍ମୀଙ୍କ ଯୋଗୁଁ ୫ ଜଣ ବ୍ୟକ୍ତି ନୂଆ ଜୀବନ ପାଇପାରିଥିଲେ।

**୩୪ ଜଣଙ୍କୁ ନୂଆ ଜୀବନ ଦେଲେ ଅନମୋଲ୍:** ୨୦୧୨ ଡିସେମ୍ବର ମାସ କଥା। ଅନମୋଲ କୁନେଜା ପୂର୍ବ ଦିଲ୍ଲୀରେ ଥିବା ତାଙ୍କ ଘରକୁ ଫେରୁଥାନ୍ତି। ହଠାତ୍ ଏକ ଟ୍ରକ ସହ ତାଙ୍କର ଧକ୍କା ହେଲା। ଗୁରୁତର ଆହତ ଅନମୋଲଙ୍କୁ ନିକଟସ୍ଥ ଡାକ୍ତରଖାନା ନିଆଗଲା। ଅନ୍‌ମୋଲ୍‌ଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥାଏ। ଦୁଇ ଦିନର ଚିକିତ୍ସା ପରେ ଡାକ୍ତର କହିଲେ ଅନମୋଲଙ୍କ ବ୍ରେନ୍ ଡେଡ୍ ହୋଇଯାଇଛି। ଏଭଳି ଦୁଃଖଦ ସମୟରେ ବାପା ମଦନମୋହନ ନେଇଥିଲେ ଏକ ବଡ଼ ନିଷ୍ପତ୍ତି। ସେ ଜାଣିପାରିଲେ ଯେ, ପୁଅ ତାଙ୍କର ଆଉ ବେଶି ସମୟ ଜୀବିତ ରହିବ ନାହିଁ। ତେଣୁ ଭାବିଲେ ପୁଅର ଅଙ୍ଗଦାନ କରି ଅନ୍ୟ ଶରୀରରେ ନିଜ ତା'ର ସତ୍ତାକୁ ଅନୁଭବ କରିବେ। ତେଣୁ ଏମ୍ସକୁ ଅନମୋଲଙ୍କ ଚର୍ମ, ଅସ୍ଥି, ଦୁଇ ଆଖି, କିଡ୍‌ନୀ, ଲିଭର୍ ପ୍ରତିରୋପଣ ପାଇଁ ଦେଲେ। ଅନମୋଲଙ୍କ ଦୁଇ ଆଖି ୪ ଜଣଙ୍କଠାରେ ପ୍ରତିରୋପଣ କରାଯାଇଥିଲା, ଯାହାକି ଭାରତର ପ୍ରଥମ ସଫଳ ପଦ୍ଧତି ଥିଲା। ଯାହାଦ୍ୱାରା ଗୋଟିଏ ଆଖି ଦୁଇଜଣଙ୍କଠାରେ ପ୍ରତିରୋପଣ ହୋଇଥିଲା। କିଡ୍‌ନୀ ଓ ଲିଭର୍‌ର ବି ସଫଳ ପ୍ରତିରୋପଣ ହୋଇଥିଲା। ଏହା ପ୍ରଥମ କେସ୍ ଥିଲା, ଯେଉଁଥିରେ ଜଣଙ୍କର ସମ୍ପୂର୍ଣ୍ଣ ଲିଭର୍ ଆଉ ଜଣକ ଶରୀରରେ ପ୍ରତିରୋପଣ ହୋଇଥିଲା। ଅନ୍‌ମୋଲଙ୍କ ଶରୀରର ବିଭିନ୍ନ ଅଙ୍ଗ ଭିନ୍ନ ଭିନ୍ନ ଲୋକଙ୍କଠାରେ ପ୍ରତିରୋପଣ କରାଯାଇ ୩୪ ଜଣ ନୂଆ ଜୀବନ ପାଇପାରିଥିଲେ।


**-ଶିବାନୀ ମହାନ୍ତି, ସୁବାଷ ଚନ୍ଦ୍ର ପାଢୀ**



ଅନମୋଲ କୁନେଜା


ଲକ୍ଷ୍ମୀପ୍ରିୟା ସାହୁ


କୁସୁମ ଦାଶ


# ଏକ ଉଦ୍ଦାମ ଅଭିଯାନର ଅନନ୍ୟନାମ : ଲକ୍ଷ୍ମଣ







ଲକ୍ଷ୍ମଣ ମିଶ୍ର ଏକ ଅଭିଯାନର ନାମ, କୈଶୋରରୁ ଉଦ୍ଦାମ ଅଭିଯାନ ଆରମ୍ଭକରି ଜୀବନର କଣ୍ଟକିତ ପଥରେ ରକ୍ତଝରା ପାଦରେ ଦୁର୍ବାର ଭାବରେ ଚାଲିପାରିବାର ଏକ ପ୍ରତିଶବ୍ଦ। ଢେଙ୍କାନାଳର ଭୁବନ ଗାଁରୁ ଅବିଭାଜିତ ଭାରତ ପରେ ପୂର୍ବ ପାକିସ୍ତାନର ଅଧୁନା ବାଂଲାଦେଶର ଆଦିଲପୁର ଯାଇ ସେଠାରେ ସ୍ଥିତି ସୁଦୃଢ଼ କରିପାରିବାର ଏକ ତାରୁଣ୍ୟମୟ ଆସ୍ଫାଳନ ସେ । ତାଙ୍କ ଆତ୍ମଜୀବନୀ 'ଯାତ୍ରାପଥେ' ଏକ ସାଧାରଣ ମଣିଷର ଅସାଧାରଣ ପରାକ୍ରମର ପଦଚିହ୍ନ। ଲକ୍ଷ୍ମଣ ମିଶ୍ର ଜନ୍ମ ହୁଅନ୍ତି ଭୁବନ ଗାଁରେ ଜାନୁୟାରୀ ୧୯, ୧୯୨୮ ମସିହାରେ । ପିଲାଦିନୁ ସେ ସାଉଁଟିଥିବା ସଫଳତା ଆନନ୍ଦ କି ସନ୍ତୁଷ୍ଟି ଦେଇପାରୁ ନ ଥିଲା ଶକ୍ତ ଶାସନରେ ବିଶ୍ୱାସ କରୁଥିବା ତାଙ୍କ ଆୟୁର୍ବେଦିକ ଡାକ୍ତର ପିତା ହୃଦାନନ୍ଦ ମିଶ୍ରଙ୍କୁ । ସାଧାରଣ ଚଳଣି ଜାଣି ନଥିବା ଲକ୍ଷ୍ମଣ ଛାତ୍ରାବାସରେ ରହି ଅଷ୍ଟମ ଶ୍ରେଣୀରେ କିପରି ଅଧ୍ୟୟନ କରିବେ ଏମିତି କିଛି ପ୍ରଶ୍ନ ଉଠାଇଥିଲେ ତାଙ୍କ ବାପା ଯେତେବେଳକୁ ମେଧାବୀ ଲକ୍ଷ୍ମଣଙ୍କ ଅଧିକରୁ ଅଧିକ ପାଠପଢ଼ା ପାଇଁ ଥିଲା ପ୍ରଭୂତ ଆଗ୍ରହ । ବାପାଙ୍କ ତାଡନା କିନ୍ତୁ ତାଙ୍କ କିଶୋର ପ୍ରାଣରେ ସୃଷ୍ଟି କରିଥିଲା ଆହ୍ୱାନ । କୈଶୋରର ଉଦ୍ଦାମ ସ୍ପନ୍ଦନ ତାଙ୍କ ଭିତରେ ପ୍ରେରଣା ଦିଏ କିଛି କରିବାକୁ ତ ଅଜଣାର ଆକର୍ଷଣରେ ବସି ପଡ଼ନ୍ତି ସେ କଲିକତାଗାମୀ ରେଳଗାଡ଼ିରେ । ଯେତେବେଳେ ସାରା ବିଶ୍ୱ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆତଙ୍କରେ ଥରହର ସେତେବେଳେ ତାଙ୍କୁ ଆକର୍ଷିନିଏ ମହା ଜୀବନର ଡାକରା । ମାୟାନଗରୀ କଲିକତା ଦେଇ ବଙ୍କିମଚନ୍ଦ୍ରଙ୍କର ସୁଜଳା ସୁଫଳା ବଙ୍ଗଭୂମିରେ ସେ ଓହ୍ଲାନ୍ତି ଜଶୋର ଜିଲାର ତାଲତୋଲା ଷ୍ଟେଶନରେ। ସେତେବେଳକୁ ୧୯୪୩ର ଦୁର୍ଭିକ୍ଷରେ ଛାରଖାର ବଙ୍ଗ ଆସ୍ତେ ଶ୍ୱାସ ଗ୍ରହଣ କରିବା ଆରମ୍ଭ କରିଥାଏ। ଜଣେ ଆଶ୍ରୟଦାତାଙ୍କ ସହାୟତାରେ ଯାଆନ୍ତି ଆଦିଲପୁର । ସେଇଠି ରୁହନ୍ତି । ଚିତ୍ର ଆଙ୍କନ୍ତି । ସ୍କୁଲରେ ନାମ ଲେଖାନ୍ତି ଓ କରନ୍ତି କେତେ କ'ଣ । ଭୈରବ ନଈକୂଳର ସେହି ଗାଁରେ ଭଲ ଛାତ୍ର ହିସାବରେ ତାଙ୍କର ନାଁ ହୁଏ । ଅଳ୍ପ ଦିନରେ ଶିଖିଯାନ୍ତି ବଙ୍ଗଳା ଭାଷା । କେଉଁ ଜମିଦାର ଘରେ ପୂଜାପାଠ କରନ୍ତି ତ କାହା ଘରେ ରୋଷେଇ । ହିନ୍ଦୁ ମୁସଲମାନ ସମସ୍ତଙ୍କ ମେଳରେ ପ୍ରିୟ ହୋଇଉଠନ୍ତି ଏହି ଲକ୍ଷ୍ମଣ ଠାକୁର । ସ୍ନେହୀ, ସଦାଚାରୀ, ଅଧ୍ୟବସାୟୀ ଲକ୍ଷଣଙ୍କୁ ମିଳିଯାଏ ଅଯାଚିତ ସ୍ନେହ । ଜଣଙ୍କ ଘରୁ ଆର୍ଥିକ ସହାୟତା ନେଇ ସେହି ପ୍ରବାସରେ ସେ ନିଜେ ଖୋଲନ୍ତି ଦୋକାନ । ମୁଢ଼ି, ବିସ୍କୁଟଠାରୁ ଆରମ୍ଭକରି ରନ୍ଧାଖାଦ୍ୟ ବିକ୍ରି କରିବାର ଦାୟିତ୍ୱ ନିର୍ବାହ କରନ୍ତି । ଦୋକାନ ବ୍ୟବସାୟ ସହିତ ପାଠପଢ଼ା ଚାଲେ । ଶିକ୍ଷକମାନେ ତାଙ୍କ ଭଳି ମେଧାବୀଙ୍କୁ ଦୋକାନ ନ କରିବାକୁ ପରାମର୍ଶ ଦିଅନ୍ତି କିନ୍ତୁ ସେ ଯେ ସ୍ୱାଧୀନଚେତା । ଦୋକାନରେ କାମ ତାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରିପାରେ ନାହିଁ । ତା'ପରେ ଆସେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ତିମ କ୍ଷଣ । ୧୯୪୬ ଅଗଷ୍ଟ ୧୬ରେ ପାକିସ୍ତାନର ହିନ୍ଦୁମାରଣ । ଆଦିଲପୁରକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତି ଲକ୍ଷ୍ମଣ ଓ ତାଙ୍କ ବନ୍ଧୁମାନେ ଶାନ୍ତିସେନା ଗଠନ କରି । ଧୀରେଧୀରେ କଲିକତାରେ ଉଭୟ ପକ୍ଷ ମଧ୍ୟରେ ଦଙ୍ଗା ଚାଲେ । ପ୍ରଭାବ ବ୍ୟାପିଯାଏ ଗାଁକୁ ଗାଁ । ଆଦିଲପୁର ଭଳି ଜାଗାରେ ମୁସଲମାନମାନେ ତାଙ୍କୁ ହିନ୍ଦୁଙ୍କ ଖବରଦାତା ଭାବେ ସନ୍ଦେହ କରି ଆକ୍ରମଣ କରନ୍ତି । ତାଙ୍କ ଦୋକାନ ଲୁଣ୍ଠନ କରିବା ପାଇଁ ଆସନ୍ତି ରାତିରେ । କିନ୍ତୁ ସାହସ ଏବଂ ବୁଦ୍ଧିମତ୍ତାର ସହ ସେ ସେମାନଙ୍କୁ ଆପଣାର କରିନିଅନ୍ତି । ବିପଦ ଟଳିଯାଏ ହେଲେ ଜଶୋର ଓ ଖୁଲନା ଅଞ୍ଚଳ ପାକିସ୍ତାନ ହାବୁଡ଼ରେ ପଡେ । ଆରମ୍ଭ ହୁଏ ହିନ୍ଦୁମାନଙ୍କ ପଳାୟନ । ଏକଦା କଂଗ୍ରେସ ରାଜନୀତିରେ ବିଶ୍ୱାସୀ ଲକ୍ଷ୍ମଣ ସାମ୍ୟବାଦୀ ରାଜନୀତି ଆଡକୁ ଢଳନ୍ତି । ସେହି ଦୁଃସମୟରେ ମଧ୍ୟ ସେଠାକାର ବିବିଏନ ହାଇସ୍କୁଲରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ କରନ୍ତି । ପରୀକ୍ଷା କିନ୍ତୁ ଦେବାକୁ ପଡେ କଲିକତାରେ । ଦୋକାନ ସମେତ ଆପଣାର ସମସ୍ତ ଅର୍ଜନକୁ ବନ୍ଧୁମାନଙ୍କ ଭିତରେ ବାଣ୍ଟି ଦେଇ ସେ ଫେରି ଆସନ୍ତି କଲିକତା । ବିଭାଜନ ପରର ଦୁଃସ୍ଥିତି ଦେଖି ଭାଙ୍ଗିପଡନ୍ତି । ସ୍ୱାଧୀନଚେତା ଲକ୍ଷ୍ମଣ କାହାର ସହାୟତା ନନେଇ ଭୋକଶୋଷରେ ବୁଲନ୍ତି କଲିକତା ମହାନଗରରେ । ଶେଷରେ ପୂର୍ବବଙ୍ଗରୁ ଆସିଥିବା ତାଙ୍କର ଏକ ବନ୍ଧୁ ପରିବାରର ସହାୟତାରେ ସେ ପାଠ ପଢ଼ନ୍ତି, ସ୍ନାତକ ହୁଅନ୍ତି ଓ ୧୯୪୮ମସିହାରେ କଲିକତାର ସଚିବାଳୟରେ ଚାକିରି ଜୀବନ ଆରମ୍ଭ କରନ୍ତି। ପୂର୍ବ ପାକିସ୍ତାନରୁ ଆଗତ ଶହ ଶହ ଶରଣାର୍ଥୀଙ୍କ ଥଇଥାନ ପାଇଁ ପ୍ରାଣମୂର୍ଚ୍ଛା ଲାଗିପଡନ୍ତି । ନିଜ ଦରମା ନିଃଶେଷ କରି ନିଜ ହାତରେ ରୋଷେଇ କରି ସେମାନଙ୍କ ପାଇଁ ଗଢ଼ନ୍ତି ଲାଲଗଡ଼ ଭଳି କଲୋନୀ । ସେତେବେଳକୁ ପୂର୍ବ ପାକସ୍ତାନରୁ ଆସିଥିବା ହିନ୍ଦୁ ଶରଣାର୍ଥୀମାନେ ପୋକମାଛି ପରି କଲିକତାର ରାସ୍ତାଘାଟରେ ସାଲୁବାଲୁ ହେଉଥାନ୍ତି । ସ୍ୱାଧୀନ ଭାରତର ରାଜନେତାମାନେ ସେମାନଙ୍କର ସମସ୍ୟା ଅପେକ୍ଷା କ୍ଷମତାର ମହୁ ଚାଟିବାରେ ବ୍ୟସ୍ତ ଥାଆନ୍ତି । ଲକ୍ଷ୍ମଣ କିନ୍ତୁ ଅପନ୍ତରା ସନ୍ତସନ୍ତିଆ ଜାଗାରେ ସେମାନଙ୍କ ପାଇଁ ଝୁମ୍ପୁଡି ଗଢିବାରେ ବ୍ୟସ୍ତ ଥାଆନ୍ତି । ନିଜର ପରିଚିତ ପରିବାରଗୁଡ଼ିକୁ ଏକାଠି କରନ୍ତି । ସେମାନଙ୍କ ଭୋକପାଣିର ବ୍ୟବସ୍ଥା କରନ୍ତି । ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇ ଶିକ୍ଷିତ କରେଇବାକୁ ଚେଷ୍ଟା କରନ୍ତି । ବ୍ୟକ୍ତିଗତ ସ୍ତରରେ ଏହି ଉଦ୍ୟମ ସୀମିତ ଓ ପ୍ରତୀକାତ୍ମକ ମନେ ହୋଇପାରେ । ହେଲେ ଏହାର ଗୁଣଗତ ମୂଲ୍ୟ ବହୁତ । ବିଭାଜନ ପରେ ସେ ମଧ୍ୟ ଥରେ ଦୁଇଥର ପୂର୍ବ ପାକିସ୍ତାନ ଯାଆନ୍ତି । ଜମିଦାର ପରିବାରର ଯେଉଁ ମହିଳା ତାଙ୍କୁ ଆତ୍ମୀୟର ସ୍ନେହ ଦେଇଥିଲେ ତାଙ୍କର ଶବ ସତ୍କାର ଓ କ୍ରିୟାକର୍ମ କରି ଫେରନ୍ତି । ମଝିରେ ଥରେ ଅଧେ ଆସନ୍ତି ନିଜ ଗାଁ ଭୁବନକୁ । ଶେଷରେ ୧୯୬୪ରେ ଓଡ଼ିଶାକୁ ଫେରି ଲକ୍ଷ୍ମୀଧର ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ଗରିବ ଓ ମେଧାବୀ ଛାତ୍ରଙ୍କୁ ନିଜ ଘରେ ରଖି ହାତରନ୍ଧା ଖୁଆଇ ପାଠପଢାନ୍ତି । ସ୍ୱାଧୀନ ଭାରତର ଶିକ୍ଷିତ ଲୋକେ ହୁଏତ ଧୀରେ ଧୀରେ ଆତ୍ମପରାୟଣ ହୋଇ ଉଠୁଛନ୍ତି ହେଲେ ଲକ୍ଷ୍ମଣ ମିଶ୍ର ଶିକ୍ଷିତ ସମ୍ପ୍ରଦାୟ ଆଗରେ ଏକ ଉଦାହରଣ । ଜଣେ କପର୍ଦ୍ଦକଶୂନ୍ୟ କିଶୋର ଯିଏ ନିଷ୍ଠା ବଳରେ କେତେ କାମ କରିପାରେ ସେ ତା'ର ମାନଦଣ୍ଡ । ସେବା , କର୍ତ୍ତବ୍ୟ, ନିଷ୍ଠା ଏବଂ ସ୍ୱାଭିମାନର ପ୍ରତୀକ ଲକ୍ଷ୍ମଣ ମିଶ୍ର ଆମ ପାଇଁ ସର୍ବକାଳୀନ ପ୍ରେରଣା ହୋଇ ରହିବେ ନିଶ୍ଚୟ ।

**-ମାନମୟୀ ରଥ**
ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ
ମୋ:୭୯୭୮୫୭୯୩୯୯











# ପୁରୁଷ ଈଶ୍ୱର

–ବୀରେନ୍ଦ୍ର ନାୟକ

ଯେବେଠୁ ଗାଁ ଛାଡିଲିଣି
ସେବେଠୁ ଭେଟିନି
ଗୋଟେ ଝାଲୁଆ ଦେହ
ଭୋକିଲା ପେଟ
ଯୋଡେ କାମିକା ହାତ
ଆଉ ନିଦ ହଜିଥିବା ହଳେ ଆଖି ।

ସେ ଦେହ,
ସେ ହାତ,
ସେ ଆଖି,
ସେ କଙ୍କାଳିଆ ଛାତି
ଛଳଛଳ ସବୁବେଳେ !
ତଥାପି ଲିଭେନି ଧାରେ ହସର

ଶେଷତମ ପାଦ ଚିହ୍ନ
ଗୋଟେ ଶୁଖିଲା ଓଠ ତଳୁ !
ଯୁଗରୁ ଯୁଗାନ୍ତର ଯାଏଁ

ତାଙ୍କ ଛାତି ଗୋଟେ ଆକାଶ
ତାଙ୍କ ଆଖି ଗୋଟେ ପାଣି ନଥିବା ସମୁଦ୍ର
ସେ ଦେବତା ହେଇବି ଝରାନ୍ତି ଲହୁ
ହଁ ସେ ମଣିଷ ହେଇବି ବୋଲାନ୍ତି ଈଶ୍ୱର

କଲମରେ ଭାଗ୍ୟ ଲେଖନ୍ତି ଯିଏ
ଲଙ୍ଗଳରେ ଭବିଷ୍ୟତ !

ଯା କାନ୍ଧରେ ଛିଡା ହେଲେ
ଆକାଶ ଛୁଇଁଦେବାର ସାହସ ଜୁଟେ
ଯିଏ ପିଠିରେ ପର୍ବତ ବାନ୍ଧି ବି
ସିଧା ଛିଡା ହୋଇପାରେ କାଳକାଳ
ସିଏ କିଏ ବା ଆଉ ହେଇପାରେ
ମୋ ବାପାଙ୍କ ବ୍ୟତୀତ ?

ହଁ ସେ ଆକାଶ, ସେ ସମୁଦ୍ର
ସିଏ ମଣିଷ ର ଖୋଳପା ତଳେ
ମୋ ସୁଖ ଆଉ ସୌଭାଗ୍ୟ କୁ
ତଥାସ୍ତୁ କରୁଥିବା ମୋ ପୁରୁଷ ଈଶ୍ୱର ।

–ଅତା, ସୁକିନ୍ଦା, ଯାଜପୁର
ଦୂରଭାଷ–୭୩୭୭୯୪୨୮୫୦



# ମୌସୁମୀ

–ସସ୍ମିତା ମେହେର

ହାତ ମୁଠାରୁ ପାପୁଲିଏ ପ୍ରଜାପତି
ଉଡ଼ିଗଲା ପରେ
ଶୂନ୍ୟ ବଖରା....
ଠାଏ ଠାଏ ନୈରାଶ୍ୟର ଛିଟା
କାନ୍ଥ ସବୁ କହେ କାହାଣୀ
ବାସ୍ନା କିଛି ଛାଡି ଯାଇଛି କିନ୍ତୁ ଖୋପରେ
ଓହ୍ଲେଇବାକୁ କିନ୍ତୁ ଡର ଲାଗେ
କାଳେ ତାକୁ ବି ଚୋରେଇ ନେବ କିଏ ।

ସକାଳର ନୀରବତାକୁ ଭାଙ୍ଗି
କାଚ ଝର୍କା ବାହାରେ ନିଡ଼ ଭିତରେ
ଉବୁଟୁବୁ ପକ୍ଷୀ
ଚଂଚୁ ରେ ଭରି ଭରି ଆକୁଳତା
ଆପେକ୍ଷିକ ଆବେଗର ବାର୍ତ୍ତା
ପରଷୁଥାନ୍ତି ପୂର୍ଣ୍ଣ କାକଳୀରେ ।

ଖାଲି ନୀଳ ବର୍ଣ୍ଣର ମୋହ କିଛି ନୁହଁ
ଗାଢ଼ରୁ ଗାଢ଼ତର ହେବା ପାଇଁ
ଲୋଡ଼େ କିଛି ଅନନ୍ୟ ଅମୋଘ ସ୍ପର୍ଶ
ପାହାଡ଼ ସେପାଖୁ ଧକ୍କା ଖାଇ
ଫେରୁଥିବା ସ୍ୱପ୍ନ
ଏଠି ହିଁ ଜୀବନ୍ତ
ଗୋଧୂଳି ଲଗ୍ନରେ...ଶୁଭ ନିନାଦନରେ
ସଂଖୋଳି ଆଣିବାକୁ ପ୍ରସାରିତ
ଅଜସ୍ର ବାହୁ
ତୁମ ଆଲିଙ୍ଗନ ,ଓଠର ସ୍ପନ୍ଦନ ହିଁ ମଧୁ
ବର୍ଷିବେ
ମୌସୁମୀ !
ଆସୁଛ କି ତୁମେ ?

ତୁମ ସ୍ମୃତି ଖାଲି ଆସିବା ଖୁବ ହେଇଗଲା
ଏଥରକ ତୁମେ ଆସନା
କେବେ ଭସାଣି ମେଘର ରଙ୍ଗ ହୋଇ
କେବେ ବର୍ଷାର ସ୍ୱର ହୋଇ
କେବେ କେବେ ଭିଜା ମାଟିର ବାସ୍ନା ହୋଇ
କେବେ ପୁଣି ବିଜୁଳି ର ହାଲ୍କା ସ୍ପର୍ଶ ଦେଇ
ତୁମେ ଆସ....
ତୁମେ ଆସିଲେ ହିଁ ପଶ୍ଚିମାକାଶରେ
ସଜଡା ଚାଲିବ ସ୍ୱପ୍ନର ସାତ ରଙ୍ଗ ।

–ସୋନପୁର
୯୪୩୭୯୭୭୩୮୭

# ପ୍ରେରଣା

– ଅଲେଖ ଚନ୍ଦ୍ର ମିଶ୍ର

ସକ୍ରିୟ ରାଜନୀତିରେ ବିଧିବଦ୍ଧ ଭାବରେ ପ୍ରବେଶ କରିବାକୁ ଲୋକଙ୍କ ଆଗରେ ଘୋଷଣା କରିବାପାଇଁ ଜଣେ ଯୁବନେତା ଏକ ବିରାଟ ସାଧାରଣ ସଭାର ଆୟୋଜନ କରିଥିଲେ । ସେଇ ଖୁସିରେ ସମସ୍ତଙ୍କ ପାଇଁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ବି କରିଥିଲେ । ସୁସଜ୍ଜିତ ସଭାମଣ୍ଡପ ସହିତ ପ୍ରଶସ୍ତ ଭୋଜନ ଶୈଳୀ ଖୁବ୍ ଆକର୍ଷଣୀୟ ହୋଇଥିଲା । ସଭାକାର୍ଯ୍ୟ ଦଶଟା ବେଳେ ଆରମ୍ଭ ହେବାର ଥିଲେ ବି ଗୋଟାଏ ପର୍ଯ୍ୟନ୍ତ ସ୍ଥାନଟି ଖାଁ ଖାଁ ଲାଗୁ ଥିଲା । ତା'ପରେ କୁଆଡୁ କେମିତି ଏତେ ଲୋକ ଆସିଗଲେ ଯେ ଠିଆ ହେବାକୁ ବି ଜାଗା ମିଳିଲାନି । ଆୟୋଜକଙ୍କ ଛାତି କୁଣ୍ଢେମୋଟ ହୋଇଗଲା । ପ୍ରବଳ ଉତ୍ସାହରେ ସଭାକାର୍ଯ୍ୟ ଆରମ୍ଭ କରିଦେଲେ । ହେଲେ ଲୋକମାନେ ଦର୍ଶକ ମଞ୍ଚରେ ନ ବସି ଡାଇନିଂ ହଲ ପାଖରେ ହାଉ ଯାଉ ହେଉଥାନ୍ତି । ହଠାତ୍ କେହି ଜଣେ ଖବର ଦେଇଦେଲା ଟେବୁଲ ଉପରେ ପ୍ଲେଟ ସବୁ ଥୁଆ ହୋଇଗଲାଣି । ବାସ୍ ଏତିକିରେ ଘାଇ ଭାଙ୍ଗିଲା ପରି ଲୋକମାନଙ୍କର ସୁଅ ଡାଇନିଂ ହଲ୍ ଭିତରକୁ ଛୁଟିଲା । ଧସ୍ତା ଧସ୍ତି, ଠେଲା ପେଲା, ପାଟି ଗୋଳ, ଏତେ ଜୋରରେ ଆରମ୍ଭ ହୋଇ ଗଲା ଯେ ଖାଇବା ଆରମ୍ଭ କରିବାକୁ ସ୍ୱେଚ୍ଛାସେବୀମାନେ ବାଧ ହେଲେ । ମାତ୍ର ଦୁଇ ଘଣ୍ଟା ଭିତରେ ସବୁ ସଫା । ଲୋକମାନେ ଯେମିତି ଆସିଥିଲେ ସେମିତି କୁଆଡେ ଉଭାନ ହୋଇଗଲେ ।

ମାତ୍ର ଦର୍ଶକ ମଞ୍ଚର ଗୋଟିଏ କୋଣରେ ଚୁପଚାପ ବସି ରହି ପେଣ୍ଡାଲକୁ ଏକ ଧ୍ୟାନରେ ଚାହିଁ ରହିଥିଲେ ଜଣେ ବୃଦ୍ଧ । ତାଙ୍କ ପାଖକୁ ଓହ୍ଲେଇ ଆସି ଯୁବ ନେତା ଜଣକ କହିଲେ, ମଉସା, ନମସ୍କାର । କେହି ନ ହେଲେ ନାହିଁ ଆପଣଙ୍କ ଭଳି ଜଣେ ଲୋକ ଯେ ମୋ ଭାଷଣକୁ ଏତେ ଆଗ୍ରହରେ ଶୁଣୁଛନ୍ତି ସେତିକି ମୋ ପାଇଁ ଯଥେଷ୍ଟ ପ୍ରେରଣା । ଗୋଟିଏ ଗୋଟିଏ ଇଟାକୁ ନେଇ ତ ବିରାଟ ପ୍ରାସାଦ ତୋଳା ହୁଏ, ବିନ୍ଦୁଏ ବିନ୍ଦୁଏ ଜଳ........ । ହଠାତ୍ ବୃଦ୍ଧ ଜଣକ କହି ଉଠିଲେ, କ'ଣ କହିଲ ? ଏଠି କ'ଣ କରୁଛି ? ପାଖରେ କେଉଁଠି ଛାଇଟିକେ ମିଳିଲାନି ବୋଲି ୟା ଭିତରକୁ ପଶି ଆସିଲି । ଏବେ ଛାଇ ଆଡ଼େଇଲାଣି ମୁଁ ଯାଉଛି । ତୁମେ କ'ଣ କହୁଛ କହୁଥା । ମତେ କୋଉ ଶୁଭୁଛି କି ! ମୁଁ ତ କାଲ !!

–ସାରଦାଶ୍ରୀ ୯୦୪, ଶାସ୍ତ୍ରୀନଗର,
ୟୁନିଟ୍ ୪, ଭୁବନେଶ୍ୱର,
ମୋ: ୯୪୩୮୬୭୩୮୯୮






ତମନ୍ନା-ଅମ୍ଲାନ

# ଡବଲ ଖୁସି

**ବା**ଣୀ କପୁରଙ୍କ ଖୁସି କହିଲେ ନ ସରେ । ପ୍ରଥମ କଥା ହେଲା, ଖିଲାଡି ମାଷ୍ଟର ଅକ୍ଷୟ କୁମାରଙ୍କ ସହ ସ୍କ୍ରିନ ସେୟାର କରିବାକୁ ସେ ଚାହିଁ ବସିଥିଲେ । ତାହା ପୂରଣ ହୋଇଛି । ପୁଣି ଫିଲ୍ମଟି ଚଳିତ ମାସରେ ରିଲିଜ ହେବାକୁ ଯାଉଛି । କଥା କ'ଣ କି ଅକ୍ଷୟ କୁମାର-ବାଣୀ କପୁରଙ୍କ ନେଇ ପ୍ରସ୍ତୁତ ହୋଇଛି ନୂଆ ସିନେମା 'ବେଲ୍ ବଟମ୍' । ଉକ୍ତ ଚିତ୍ରଟି ଚଳିତ ମାସ ୧୯ରେ ପ୍ରେକ୍ଷାଳୟରେ ରିଲିଜ ହେବାକୁ ଯାଉଛି । ତେଣୁ ଏକଥା ଜାଣିବା ପରେ ବାଣୀଙ୍କ ଖୁସି ଦେଖେ କିଏ ? 'ଯେତେବେଳେ ମୋତେ ଅକ୍ଷୟଙ୍କ ସହ ଆକ୍ଟିଂ କରିବାକୁ ଅଫର ମିଳିଲା ସେତେବେଳେ ମୁଁ ତାହାକୁ ବିଶ୍ୱାସ କରିପାରି ନ ଥିଲି । କାରଣ ସେ ହେଉଛନ୍ତି ମୋର ଫେଭରାଇଟ୍ ଅଭିନେତା, ହେଲେ ତାଙ୍କ ସହ ପରଦା ଉପରେ ମୁହଁ ଦେଖାଇବାର ସୁଯୋଗ ମୋତେ ପ୍ରଥମ ଥର ପାଇଁ ମିଳିଛି । ଶୁଟିଂ ସମୟରେ ତାଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କଥା ଶିଖିଛି । ଆଶା ରଖିଛି ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ । ଭବିଷ୍ୟତରେ ଯଦି ମୋତେ ତାଙ୍କ ସହ ଅଭିନୟ କରିବାର ପୁଣି ଥରେ ସୁଯୋଗ ମିଳେ ତେବେ କଦାପି ମନା କରିବି ନାହିଁ ବୋଲି କହନ୍ତି ବାଣୀ ।' ଏହି ଫିଲ୍ମ ବ୍ୟତୀତ ନୂଆ ସିନେମା 'ଚଣ୍ଡିଗଡ କରେ ଆସୀକି' ଏବଂ 'ସମସେରା'ରେ ବାଣୀ ଅଭିନୟ କରିବେ ।


ବାଣୀ କପୁର

# ଧୋଛକିରେ ସାରା

**ସା**ରା ଅଲ୍ଲୀ ଖାଁ ଏବଂ କାର୍ତ୍ତିକ ଆର୍ଯ୍ୟନଙ୍କୁ 'ଲଭ୍ ଆଜ୍ କଲ୍'ରେ ପ୍ରଥମ ଥର ପାଇଁ ଏକାଠି ଅଭିନୟ କରିଥିବାର ଦେଖିବାକୁ ମିଳିଥିଲା । ଇମତିୟାଜ ଅଲ୍ଲୀଙ୍କ ଏହି ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା । ତଥାପି କାର୍ତ୍ତିକଙ୍କ ସହ ଏକାଠି ଆକ୍ଟିଂ କରିବାକୁ ଆଶା ରଖିଥିଲେ ସୈଫ ତନୟା । ଯାହାହେଉ ତାଙ୍କର ଏହି ଆଶା ଏବେ ପୂରଣ ହେବାକୁ ଯାଉଛି । ଅନ୍ୟତମ ଆଗଧାଡିର ପ୍ରଯୋଜକ ସାଜିଦ ନାଦିଆଦୱାଲା ଏଡି ଯୋଡିକୁ ପୁଣି ଥରେ ବଡ ପରଦାରେ ଆଣିବାକୁ ଯାଉଛନ୍ତି । ଯଦିଓ କାର୍ତ୍ତିକ ଏ ନେଇ ନିଜର ସମ୍ମତି ଜଣାଇ ସାରିଛନ୍ତି, ହେଲେ ସାରା ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ଦୁଇ ସପ୍ତାହ ସମୟ ନେଇଛନ୍ତି । ଏକ ରୋମାଣ୍ଟିକ-ଆକ୍ସନ ଥ୍ରୀଲର କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମିତ ହେବାକୁ ଯାଉଛି । ଏ ସମ୍ପର୍କରେ ସାରା କହନ୍ତି, 'ସାଜିଦଙ୍କ ଏହି ଫିଲ୍ମରେ ଅଭିନୟ କରିବାକୁ ମୋତେ ଅଫର ମିଳିଛି-ଏକଥା ସତ । ହେଲେ ଏ ନେଇ ମୁଁ କିଛି ଡିସିସନ ନେଇନାହିଁ । ଏଥିପାଇଁ ପ୍ରଯୋଜକ ଦୁଇ ସପ୍ତାହ ସମୟ ଦେଇଛନ୍ତି ।' ହେଲେ ଶୁଣିବାକୁ ମିଳୁଛି ଯେ, ସାରା ଏହି ଫିଲ୍ମ ପାଇଁ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି, ଯାହାକୁ ନେଇ ପ୍ରଯୋଜନା ସଂସ୍ଥା ଏବଂ ସାରାଙ୍କ ମଧ୍ୟରେ ସହମତି ହୋଇପାରୁନାହିଁ ।


ସାରା

# ପ୍ରକୃତିପ୍ରେମୀ ଆୟୁଷ୍ମାନ

**ଆ**ୟୁଷ୍ମାନ ଖୁରାନା ଜଣେ ପ୍ରକୃତପ୍ରେମୀ । ଯୁଆଡେ ଗଲେ ସାଙ୍ଗରେ କ୍ୟାମେରା ନେବାକୁ ଆଦୌ ଭୁଲି ନ ଥାନ୍ତି । ଶୁଟିଂ ସମୟରେ ବ୍ରେକ୍ ମିଳିଲେ ସେ ସେଠାକାର ଦୃଶ୍ୟରାଜିକୁ କ୍ୟାମେରାରେ କୟେଦ କରିଥାଆନ୍ତି । ଏବେ ସେ ଭୋପାଳରେ ଡେରା ପକାଇଛନ୍ତି । କାରଣ ସେ ଅଭିନୟ କରୁଥିବା ନୂଆ ସିନେମା 'ଡକ୍ଟର ଜୀ'ର ଶୁଟିଂ ସେଠାରେ ଚାଲିଛି । ଶୁଟିଂ ପାଇଁ ତ ସମୟ ଦେଉଛନ୍ତି ତାହା ଅଲଗା କଥା । ହେଲେ ସେଠାରେ ପହଞ୍ଚିବା ପରେ ସେ ଖୁସିରେ ଆତ୍ମହରା ହୋଇପଡିଥିଲେ । ଏ ନେଇ ଆୟୁଷ୍ମାନ କହନ୍ତି, 'ମୁଁ ପ୍ରଥମ ଥର ପାଇଁ ଭୋପାଳ ଆସିଛି । ଏଠାକାର ଅନେକ ଜାଗା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ଶୁଟିଂ ସହ ସେହି ସ୍ଥାନକୁ ଯାଇ ପ୍ରାକୃତିକ ଦୃଶ୍ୟର ମଜା ନେବି । ମୋର ଗୋଟିଏ ଅଭ୍ୟାସ ଯେ ପ୍ରକୃତିର ସୌନ୍ଦର୍ଯ୍ୟକୁ ମୁଁ ଫଟୋ ଆକାରରେ ନିଜ ପାଖରେ ସାଇତି ରଖିବାକୁ ଭଲ ପାଏ । କାରଣ ସେଗୁଡିକ ମୋ ପୁରୁଣା ସ୍ମୃତିକୁ ଆହୁରି ଉଜାଗର କରାଇଥାଏ ।' ଜଙ୍ଗଲି ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମରେ ରକୁଲପ୍ରୀତ ସିଂ ଏବଂ ସେଫାଳି ଶାହା ମଧ୍ୟ ଅଭିନୟ କରୁଛନ୍ତି । ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ଅନୁଭୂତି କଶ୍ୟପ ।


ଜ୍ୟାକଲିନ୍


ଆୟୁଷ୍ମାନ


କିଆରା

# ଲଗାମ

**କ**ରୋନା ମହାମାରୀ ଯୋଗୁଁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଛି । ଲକ୍‌ଡାଉନ ସମୟରେ ପ୍ରବାସୀ ଶ୍ରମିକ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଥିଲେ । ଜଣେ ପ୍ରବାସୀ ଶ୍ରମିକ ଚାକିରି ହରାଇବା ପରେ କିପରି ବାଧାବିଘ୍ନର ସମ୍ମୁଖୀନ ହୋଇ ଜୀବନ ଅତିବାହିତ କରୁଛି ତାହାକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ଲଗାମ' । ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା କରିଛନ୍ତି ନବାଗତ ରଞ୍ଜିତ କୁମାର ସାହୁ । ତା'ସହ ଏହାର ପ୍ରଯୋଜନା ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି । ଅନ୍ୟପକ୍ଷରେ ଏହାର କାହାଣୀରେ ସସପେନ୍ସ, ଡ୍ରାମା, ଲଭଷ୍ଟୋରୀ, କମେଡି ରହିଛି ବୋଲି କହନ୍ତି ଉକ୍ତ ଚିତ୍ରର ନିର୍ଦ୍ଦେଶକ ପିନୁ ନାୟକ । ଏଥିରେ ପ୍ରବାସୀ ଶ୍ରମିକ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଳାନ କୁମାର ଏବଂ ତାଙ୍କର ନାୟିକା ସାଜିଛନ୍ତି ତମନ୍ନା । ଜନ୍ମେଜୟ ପଣ୍ଡା ଏବଂ ତପୁ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର । ପ୍ରଦ୍ୟୁମ୍ନ ଲେଙ୍କା, ଉମାକାନ୍ତ ମୁଦୁଲି, ପୃଥ୍ୱୀରାଜ ଆଚାର୍ଯ୍ୟ, କମଲ, ଲୀନା, ଭାବନା, ନିଖିଳେଶ ଘୋଷ ଆଦି କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ ।

# ଆଇଟମ୍ ପାଇଁ ଅଡୁଆ

**କି**ଆରା ଆଡୱାନୀ କ'ଣ କରିବେ କିଛି ଜାଣିପାରୁନାହାନ୍ତି । କଥାଟି 'ଏଣୁ ମାରିଲେ ଗୋହତ୍ୟା, ତେଣୁ ମାରିଲେ ବ୍ରହ୍ମହତ୍ୟା' ପରି ହୋଇଛି । କଥା କ'ଣ କି ନିକଟରେ ତାଙ୍କୁ ଏକ ନୂଆ ଅଫର ମିଳିଛି । ଏହାର କାହାଣୀ ଏବଂ ଏଥିରେ ତାଙ୍କର ଭୂମିକା କିଆରାଙ୍କୁ ବେଶ୍ ପ୍ରଭାବିତ କରିଛି । ହେଲେ ସେଥିରେ ଟିକେ କେଁ ରହିଯାଇଛି । ଏହି ଫିଲ୍ମରେ ସଂଯୋଜିତ ହେବାକୁ ଥିବା ଏକ ଆଇଟମ ନମ୍ବରରେ କିଆରା ନାଚିବେ । ପୁଣି ସେଥିରେ ସୁଇମିଙ୍ଗ ଶୁଟ୍ ପିନ୍ଧିବାକୁ ପଡିବ । ଏକଥା ଜାଣିବା ପରେ ସବୁ କିଛି ତାଙ୍କ ପାଇଁ ଯେମିତି ଅଡୁଆ ତଡୁଆ ହୋଇଯାଇଛି । ଅନ୍ୟପକ୍ଷରେ ସେ ଏହି ଫିଲ୍ମଟି ସାଇନ୍ କରିସାରିଛନ୍ତି । ଏବେ କାହାଣୀରେ ସାମାନ୍ୟ ପରିବର୍ତ୍ତନ କରାଯାଇ ଏଥିରେ ଆଇଟମ ଗୀତଟିଏ ସଂଯୋଗ କରାଯାଇଛି । ତେବେ ଏପରି ପ୍ରସ୍ତାବକୁ ସେ ହଁ ଭରିବେ ନା ମନା କରିବେ ତାକୁ ନେଇ ଅଡୁଆରେ ପଡିଛନ୍ତି । ସେପଟେ ଏଥିପାଇଁ ତାଙ୍କୁ ଅଧିକ ରେମ୍ୟୁନିନେଶନ ମିଳିବ ବୋଲି ଶୁଣିବାକୁ ମିଳୁଛି । ସେପଟେ ପ୍ୟାନ୍-ଇଣ୍ଡିଆ ଫିଲ୍ମ 'ଆରସି୧୫'ରେ କିଆରା ଅଭିନୟ କରିବେ । ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରାମ ଚରଣ ।

# ସମୟାନୁବର୍ତ୍ତୀ ଜ୍ୟାକଲିନ୍

**ଜ୍ୟା**କଲିନ୍ ଫର୍ନାଡିସ ଗୋଟିଏ କଥାକୁ ନେଇ ଟେନ୍‌ସନ୍‌ରେ । କେମିତି ସେ ସାଇନ୍ କରିଥିବା ସିନେମାଗୁଡିକର ଶୁଟିଂ ଶେଷ କରିବେ । ଏପଟେ ଅଫର ପରେ ଅଫର ମିଳିଚାଲିଛି । ତେଣୁ ସେଥିପାଇଁ ଡେଟ୍ ଫାଇନାଲ କରିବାକୁ ପଡିବ । ନିଜର ରିଲ୍ ଲାଇଫ ବ୍ୟତୀତ ସେ ଏବେ ଆଉ ଏକ କ୍ଷେତ୍ରରେ ପାଦ ଦେଉଛନ୍ତି । ତାହା ହେଲା ସମାଜସେବା । ତେଣୁ ବ୍ୟସ୍ତତା ଭିତରେ ତା' ପାଇଁ ସମୟ ଦେବାକୁ ପଡିବ । ତେଣୁ ଏବେ ନିଜର ଶୁଟିଂ ସିଡ୍ୟୁଲ ପ୍ରତି ସଚେତନ ରହୁଛନ୍ତି ଏହି ଅଭିନେତ୍ରୀ । ଏ ସମ୍ପର୍କରେ ଜ୍ୟାକଲିନ୍ କହନ୍ତି, 'ସବୁ କଥାରେ ମୁଁ ସମୟାନୁବର୍ତ୍ତିତାକୁ ଗୁରୁତ୍ୱ ଦିଏ । ଏବେ ଯେହେତୁ ଦୁଇଟି ସିନେମାର ଶୁଟିଂ ସମାନ୍ତରାଳ ଭାବରେ ଚାଲିଛି ତେଣୁ ସମୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡୁଛି । ତା'ସହ ନୂଆ ସିନେମା ପାଇଁ ଡେଟ୍ ଫାଇନାଲ କରିବାକୁ ପଡିବ । ଏହାବ୍ୟତୀତ ସମାଜସେବା ପ୍ରତି ସମୟ ଦେବି । ଏଥିପାଇଁ 'ୟାଇଓଏଲଓ' ନାମକ ଏକ ଅନୁଷ୍ଠାନ ଗଠନ କରିଛି, ଯାହା କେବଳ ସମାଜସେବା ପାଇଁ କାମ କରିବ ।' ବର୍ତ୍ତମାନ ଜ୍ୟାକଲିନ୍ 'ବିକ୍ରାନ୍ତ ରଣା' ଟାଇଟଲବିଶିଷ୍ଟ ଏକ କନ୍ନଡ ସିନେମାରେ ଅଭିନୟ କରୁଛନ୍ତି, ଯାହା ଖୁବ୍ ଶୀଘ୍ର ରିଲିଜ ହେବ ।

# ଚୋରା ଚାହାଣୀକୁ ଲାଜୁଆ ହସ, ତହିଁରୁ ଝରୁଛି ପ୍ରେମର ରସ

**ପ୍ରଶ୍ନ**–ସୁନ୍ଦରୀର ଚାହାଣୀରେ ପ୍ରେମ ଲୁଚି ରହିଥାଏ। ହେଲେ ତାହା ଆମେ କେମିତି ଜାଣିବା ?

–ତନ୍ମୟ ସାହୁ, ରେଢ଼ାଖୋଲ

**ଉତ୍ତର:** ଟିକେ ମଗଜ ଖଟାଇଲେ ସେହି ହସ ପଛରେ କ'ଣ ଅଛି ତାହା ଜାଣିପାରିବେ। 'ଚୋରା ଚାହାଣୀକୁ ଲାଜୁଆ ହସ, ତହିଁରୁ ଝରୁଛି ପ୍ରେମର ରସ।' ଉପରଠାଉରିଆ ଭାବରେ ସେହି ହସକୁ ତର୍ଜମା କଲେ କିଛି ଲାଭ ନାହିଁ। କାରଣ ସବୁ ହସ ପ୍ରେମ ନୁହେଁ। ତେଣୁ ଯଦି ସେ ସୁନ୍ଦରୀ ହସରେ ଆପଣ ମତୁଆଲା ହୋଇଛନ୍ତି ତେବେ ସମୟ ସୁବିଧା ଦେଖି ତା' ସାମ୍ନାରେ ନିଜ ମନର କଥାକୁ ଓଗାଳି ପକାନ୍ତୁ। ତା'ପରେ ସୁନ୍ଦରୀ କେଉଁ ସିଗନାଲ ଦେଉଛି ବଲେ ଜାଣିପାରିବେ। ବାସ୍, ତା' ମନ ରାଇଜରେ ଘରଟିଏ କରିବାକୁ ବୁଦ୍ଧି ଖଟାଇ ତୀର ଚଳାଇବାକୁ ପଡ଼ିବ।

**ପ୍ରଶ୍ନ**–ମୋ ସପନର ନାୟିକା କେବେ ମନର ନାୟିକା ହେବ କହିବେ କି ସାଥୀ ? –ଆଦିତ୍ୟ କୁମାର, ଢେଙ୍କାନାଳ

**ଉତ୍ତର:** ପ୍ରେମ କରିବା ପୂର୍ବରୁ ସବୁବେଳେ ଯଦି ସପନର ରଙ୍ଗୀନ ଦୁନିଆରେ ଭାସି ବୁଲିଲେ ତେବେ କିଛି ଲାଭ ନାହିଁ। ସପନରେ ପ୍ରେମର ମଜା କ୍ଷଣିକ। ହେଲେ ବାସ୍ତବ ଦୁନିଆକୁ ଆସି ପ୍ରେମ କଲେ ତାହାର ମଜା ନିଆରା। ତେଣୁ ଯାହାକୁ ଶୟନେ, ସପନେ, ଜାଗରଣେ ଏତେ ଚିନ୍ତା କରୁଛନ୍ତି, ତା'କୁ ମନର କଥା କହି ବହି ଫିଟ୍ କରି ଦିଅନ୍ତୁ ନା ! ତା'ପରେ ବଳେ ବଳେ ପ୍ରେମର ଅସଲ ମଜା ଅନୁଭବ କରିପାରିବେ।

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ଲୁଚି ଲୁଚି ପ୍ରେମ କରୁଛି। ଏପରି ପ୍ରେମରେ ମଜା ଲାଗୁଛି। କିନ୍ତୁ ତାହା ଦୀର୍ଘ ସ୍ଥାୟୀ ହେବ ତ ?

–ରୋନକ୍ ସାହୁ, ବଲାଙ୍ଗୀର

**ଉତ୍ତର:** ଲୁଚା ଛପା ପ୍ରେମରେ କିଛି ଗ୍ୟାରେଣ୍ଟି ନ ଥାଏ। ମାଗି ଆଣିଲା ଡିଅଣ ସୋଡକାଏ ପରି ତାହାର ମଜା ଲଙ୍ଗ ଲାଷ୍ଟିଙ୍ଗ ନୁହେଁ। ତେଣୁ ଯଦି ଦୁହେଁ ପରସ୍ପରକୁ ପ୍ରେମ କରୁଛ, ତେବେ ଲୁଚିଛପି ପ୍ରେମ କରିବାର ଅର୍ଥ କିଛି ନାହିଁ। ତେଣୁ ଏପରି ପ୍ରେମ ଉପରେ ଆଦୌ ଭରସା ରଖନ୍ତୁ ନାହିଁ। ଲୁଚାଛପା ପ୍ରେମ ଉଡ଼ା ବାଦଲ ପରି। କେତେବେଳେ ଆପଣଙ୍କୁ ଏକୁଟିଆ କରି ଚାଲିଯିବ ନିଜେ ମଧ୍ୟ କଳ୍ପନା କରିପାରିବେ ନାହିଁ। ତେଣୁ ଅସଲ ପ୍ରେମ ନିଜକୁ ହଜାଇ ଦିଅନ୍ତୁ। କାରଣ ଅସଲ ପ୍ରେମରେ ସଫଳ ହେବାର ଚାନ୍ସ ଅଧିକ।


**ପ୍ରଶ୍ନ**–ମୁଁ ଏବେ ନୂଆ ନୂଆ କଲେଜରେ ପାଦ ଦେଇଛି। ପ୍ରେମ କରିବାକୁ ମନ ହେଉଛି। ହେଲେ କାହାକୁ କେମିତି ପ୍ରେମ କରିବି ଜାଣିପାରୁନାହିଁ।

–ସନ୍ତୋଷ କୁମାର, କଟକ

**ଉତ୍ତର:** କଲେଜରେ ନୂଆ ନୂଆ ପାଦ ଦେଇଛ। ପୁଣି ପ୍ରେମ କରିବାକୁ ମନ ଉତାବିଳା ହେଲାଣି। ହେଲେ ଏବେ ପ୍ରଥମେ ନିଜ ପାଠ ପ୍ରତି ଧ୍ୟାନ ଦିଅନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡ଼ିଲେଣି, ତେବେ ମନଲାଖି ପ୍ରେମିକାଟିଏ ଖୋଜନ୍ତୁ। ଯଦି ସେ ଆପଣଙ୍କ ମନ କଥା ବୁଝି ପାରିଲା, ଆଉ ପାଣିପାଗ ଠିକ୍ ରହିଲା, ତେବେ ନିଜ ପ୍ରେମକୁ ଆଗକୁ ଆଗେଇବାକୁ ଚେଷ୍ଟା କରନ୍ତୁ। ହେଲେ ଏଥିରେ ତରବର ହେଲେ କିଛି ଲାଭ ନାହିଁ। କାରଣ ପ୍ରେମର ରାସ୍ତା ଖସଡ଼ା। ପାଦ ଯଦି ଖସିଗଲା ତେବେ ଏକାଥରେ ଆସି ମୂଳ ସ୍ଥାନରେ ପହଞ୍ଚିଯିବେ। ତେଣୁ ଦେଖିଚାହିଁ, ପ୍ରେମର ଅସଲ ଅର୍ଥକୁ ବୁଝି ଆଗାନ୍ତୁ।

**ପ୍ରଶ୍ନ**–ମୋତେ ଥରେ ଜଣେ ଝିଅ 'ଆଇ ଲଭ ୟୁ' କହିଲା। ଆମେ ଦୁହେଁ, ପ୍ରେମରେ ବେଶ୍ କିଛି ବାଟ ଆଗେଇବା ପରେ ସେ ଏବେ ଆଉ ଜଣେ ପୁଅକୁ ଭଲ ପାଉଛି। ମୁଁ କ'ଣ କରିବି ? –ତପନ, ସୋନପୁର

**ଉତ୍ତର:** ଅନେକ ସମୟରେ ପ୍ରେମର ଆରମ୍ଭ ଠିକ୍ ଭାବରେ ହୋଇଥାଏ। କିଛି ଦିନ ଏହା ଠିକ୍ ଠାକ୍ ଚାଲେ। ଆପଣଙ୍କ ପ୍ରେମ କିଛି ବର୍ଷ ବେଶ୍ ରଙ୍ଗୀନ ଥିଲା। ହେଲେ ସେଥିରେ ନିଶ୍ଚୟ କିଛି କେଁ ରହିଯାଇଛି। ଯାହାଫଳରେ ଯିଏ ଆପଣଙ୍କୁ ମନ ପ୍ରାଣ ଦେଇ ଭଲ ପାଉଥିଲା ଆଜି ସିଏ ଆଉ କାହାର ପ୍ରେମିକା ସାଜିସାରିଲାଣି। ତେଣୁ ତାହାର କାରଣ ଖୋଜନ୍ତୁ। ଯଦି ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହେଲେ ତେବେ ସେଭଳି ପ୍ରେମକୁ ଯେତେଶୀଘ୍ର ଗୁଡବାଏ କରିବେ ତାହା ଆପଣଙ୍କ ପାଇଁ ଭଲ ହେବ।




ପ୍ରଥମ ରୋଜଗାର





# ଦରମା ଟଙ୍କା ବାପା, ମା'ଙ୍କ ହାତରେ ଦେଇଥିଲି

**ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ନାଟ୍ୟ ଅଭିନେତା ଧନେଶ୍ୱର ପୃଷ୍ଟି ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

**ସେ**ଦିନ ଥିଲା ୧୯୬୭ ମସିହା ଜୁଲାଇ ୨୫ ତାରିଖ। ପୂର୍ବରୁ ବି.ଏ. ପରୀକ୍ଷା ଫଳ ପ୍ରକାଶିତ ହୋଇଥିଲା। କିନ୍ତୁ କୌଣସି କାରଣରୁ ଇତିହାସ ଅନର୍ସ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିଲା। ସେଦିନ ଖବରକାଗଜରୁ ମୋର କ୍ରମିକ ନମ୍ବରଟି ଦ୍ୱିତୀୟ ଶ୍ରେଣୀ ଅନର୍ସରେ ସ୍ଥାନିତ ହୋଇଥିବାର ଦେଖି ମୋର ଆନନ୍ଦର ସୀମା ରହିଲା ନାହିଁ। କାରଣ ସେ ସମୟରେ ଅନର୍ସ ସ୍ନାତକମାନଙ୍କ ସଂଖ୍ୟା ଖୁବ୍ କମ୍ ଥିଲା। ପରବର୍ତ୍ତୀ କାଳରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ମୋର ବି.ଏ. ସାର୍ଟିଫିକେଟ୍ ଓ ସି.ଏଲ୍.ସି. ନେଇ ମୋ ଗାଁ ରାଜସୁନାଖେଳାକୁ ଫେରିଲି ଏବଂ ୧।୮।୧୯୬୭ରୁ ନୟାଗଡ଼ ଜିଲା ରଣପୁର ଅନ୍ତର୍ଗତ ଗଡ଼ବାଣିକିଲୋ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଜୀବନ ଆରମ୍ଭକଲି। ସେ ସମୟରେ ବି.ଏ. ପାସ୍ କରିଥିବା ଶିକ୍ଷକମାନଙ୍କର ଦରମା ଥିଲା ୧୭୧ଟଙ୍କା (ବେତନ ୧୧୦ଟଙ୍କା ଓ ମହଙ୍ଗାଭତ୍ତା ୬୧ଟଙ୍କା)। ହେଲେ ବିଦ୍ୟାଳୟର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ୧୫୧ଟଙ୍କାରେ ପରିଚାଳନା କମିଟି ମୋ ସହିତ ଚୁକ୍ତିବଦ୍ଧ ହୋଇଥିଲେ। ସେତେବେଳେ ଗ୍ରାଣ୍ଟ-ଇନ୍-ଏଡ୍ ପାଉଥିବା ବିଦ୍ୟାଳୟଗୁଡ଼ିକୁ ବର୍ଷରେ ଦୁଇଥର ଦରମା ପ୍ରଦାନର ବ୍ୟବସ୍ଥା ଥିଲା। ପୁରୀ ସି.ଆଇ. କାର୍ଯ୍ୟାଳୟରୁ ଦଶହରା ପୂର୍ବରୁ ଆଡ୍‌ଭାନ୍ସଡ ପେମେଣ୍ଟ ଓ ମାର୍ଚ୍ଚ ମାସ ପରେ ଫାଇନାଲ୍ ପେମେଣ୍ଟ ଦେବାର ବ୍ୟବସ୍ଥା ଥିଲା। ସେହିପରି ଛାତ୍ରୀଛାତ୍ରମାନେ ସେମାନଙ୍କ ସ୍କୁଲ୍ ଦେୟ ପ୍ରତ୍ୟେକ ମାସ ୧୫ ତାରିଖରେ କିମ୍ବା ଶେଷ କାର୍ଯ୍ୟଦିବସରେ ପୈଠ କରିବାର ବି ବ୍ୟବସ୍ଥା ଥିଲା। ବିଦ୍ୟାଳୟର ସମ୍ପାଦକ ତଥା ପ୍ରତିଷ୍ଠାତା ମୌଲବୀ ଇବ୍ରାହିମ୍ ଖାଁ ମାସର ଶେଷ କାର୍ଯ୍ୟ ଦିବସରେ ଛାତ୍ରୀଛାତ୍ରଙ୍କଠାରୁ ଆଦାୟ ହୋଇଥିବା ଅର୍ଥରୁ ମୋତେ ୧୦୦ ଟଙ୍କା ପ୍ରଦାନ କରି କହିଲେ, 'ପୃଷ୍ଟି ବାବୁ, ମୁଁ ତଥା ଆମ ଅଞ୍ଚଳବାସୀ ଆପଣଙ୍କ ପଢ଼ାରେ ବିଶେଷ ଖୁସି। ଆପଣଙ୍କ ପଠନଶୈଳୀ ପିଲାମାନଙ୍କୁ ଖୁବ୍ ଭଲ ଲାଗିଛି। ସେମାନେ ଆପଣଙ୍କର ଖୁବ୍ ପ୍ରଶଂସା ବି କରୁଛନ୍ତି, ତେଣୁ ଆପଣ ଏହି ଟଙ୍କା ରଖନ୍ତୁ।' ଉକ୍ତ ଟଙ୍କା ପାଇବା ପରେ ମୋର ଆନନ୍ଦର ସୀମା ରହିଲା ନାହିଁ। ବିଦ୍ୟାଳୟରୁ ଆମ ଗ୍ରାମର ଦୂରତା ଥିଲା ପ୍ରାୟ ୧୭ କି.ମି.। ସେବେ ରାସ୍ତାଘାଟ ଅତି ନିମ୍ନମାନର ବି ଥିଲା। ସେଦିନ ସାଇକେଲ୍ ଯୋଗେ ଘରକୁ ଫେରିବା ପରେ ମୋର ବାପା ଉଦ୍ଧବ ପୃଷ୍ଟି ଓ ମା' ଲଳିତା ଦେଈଙ୍କୁ ଉକ୍ତ ଅର୍ଥ ପ୍ରଦାନ କରିଥିଲି। ସେମାନେ ଉକ୍ତ ଅର୍ଥରେ ପୂର୍ବରୁ ଖରିଦ ହୋଇଥିବା ସାଇକେଲର୍ ଦେୟ ପରିଶୋଧ କରିଥିଲେ। ତେବେ ଉକ୍ତ ବିଦ୍ୟାଳୟରେ ମୁଁ ପ୍ରାୟ ୩୦ ବର୍ଷ ୪ ମାସ ୧୭ ଦିନ ଶିକ୍ଷକତା କରିଥିଲି। ଆଉ ତା'ରି ଭିତରେ ମୁଁ ରାଧାନାଥ ଟ୍ରେନିଂ କଲେଜ, କଟକରୁ ବି.ଇଡି. ତାଲିମ୍ ମଧ୍ୟ ନେଇସାରିଥିଲି; ଯେଉଁଥିପାଇଁ ପରେ ମୋର ବେତନ ବୃଦ୍ଧି ହୋଇ ୩୦୭ ଟଙ୍କା ହୋଇଥିଲା। ଶିକ୍ଷକତା କରିବା ସହ ଉକ୍ତ ବିଦ୍ୟାଳୟର କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରିବା, ପରିଭ୍ରମଣରେ ନେତୃତ୍ୱ ନେବା, ବାର୍ଷିକ ଉତ୍ସବ, ଗଣେଶ ପୂଜା ଓ ସରସ୍ୱତୀ ପୂଜା ଆଦିରେ ସକ୍ରିୟ ଭୂମିକା ନେବା ସହ ମୋ ନିର୍ଦ୍ଦେଶନାରେ ଏକାଧିକ ନାଟକ ଓ ଏକାଙ୍କିକା ବି ବିଦ୍ୟାଳୟରେ ମଞ୍ଚସ୍ଥ ହୋଇଥିଲା; ତନ୍ମଧ୍ୟରୁ କେତେକ ନାଟକରେ ଛାତ୍ରମାନଙ୍କ ସହ ମୁଁ ମଧ୍ୟ ଅଭିନୟ କରିଥିଲି। ତେବେ ୧୯୯୭ ମସିହା ଡିସେମ୍ବର ୧୭ ତାରିଖରେ ମୋର ସୁର୍କାବାଡ଼ି ଉଚ୍ଚବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ରୂପେ ଯୋଗଦାନ କରିବା ପାଇଁ ଡିପିଆଇ କାର୍ଯ୍ୟାଳୟରୁ ପଦୋନ୍ନତି ଆଦେଶନାମା ଆସିଥିଲା। କିନ୍ତୁ ସେ ସମୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ପ୍ରଧାନ ଶିକ୍ଷକମାନେ ଓଡ଼ିଶା ଉଚ୍ଚନ୍ୟାୟାଳୟରୁ ଷ୍ଟେ ଅର୍ଡର ଆଣିଥିବାରୁ ମୁଁ ଉକ୍ତ ଉଚ୍ଚବିଦ୍ୟାଳୟରେ ଯୋଗଦାନ କରି ନ ପାରି ସିଆଇ କାର୍ଯ୍ୟାଳୟରେ ଯୋଗ ଦେଇଥିଲି। କିଛିଦିନ ପରେ ଡିପିଆଇ କାର୍ଯ୍ୟାଳୟରୁ ଅନ୍ୟ ଏକ ଆଦେଶନାମା ଆସିବାରୁ ମୁଁ ଖୋର୍ଦ୍ଧା ସର୍କଲ ଅନ୍ତର୍ଗତ ବାଙ୍କୋଇ ଉଚ୍ଚ ବିଦ୍ୟାଳୟରେ ୨୩।୧।୧୯୯୮ରେ ପ୍ରଧାନଶିକ୍ଷକ ଭାବେ ଯୋଗ ଦେଇଥିଲି। ସେଠାରେ ମଧ୍ୟ ଶିକ୍ଷକତା କରିବା ସହ ପ୍ରାଚୀର ନିର୍ମାଣ କରି ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାଗଛ ଲଗାଇ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କରିବା ସଙ୍ଗେସଙ୍ଗେ ନିୟମିତ ତର୍କସଭା, ପରିଭ୍ରମଣ, ନାଟକ ମଞ୍ଚସ୍ଥ କରିବା, ବାର୍ଷିକୋତ୍ସବ ଓ ବିଜ୍ଞାନମେଳା ଇତ୍ୟାଦି କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ମଧ୍ୟ କରୁଥିଲି। ଶେଷରେ ୨୦୦୩ ଜୁନ୍ ୩୦ରେ ଉକ୍ତ ବିଦ୍ୟାଳୟରୁ ଅବସର ନେଲି। ଜୀବନରେ ଦୁଇଟି ଦିଗ ପ୍ରତି ମୁଁ ବିଶେଷ ଆଗ୍ରହୀ ଥିଲି। ଗୋଟିଏ 'ଶିକ୍ଷାଦାନ' ଓ ଅନ୍ୟଟି 'ମଞ୍ଚ ନାଟକରେ ଅଭିନୟ'। ରାଜସୁନାଖେଳାସ୍ଥିତ ଭାରତୀ ପାଠାଗାର ଓ ଭକ୍ତ ଚରଣ କ୍ଲବ ତରଫରୁ ମଞ୍ଚସ୍ଥ ନାଟକରେ ଅଧିକାଂଶ ସମୟ ନାୟକ ଭୂମିକାରେ ଅଭିନୟ କରି ଦର୍ଶକମଣ୍ଡଳୀ ଦ୍ୱାରା ବିଶେଷ ଆଦୃତ ଓ ପ୍ରଶଂସିତ ହେଉଥିଲି।

–ଅମ୍ବିତା







# ରୁଦ୍ରାକ୍ଷ



**ଦେବ ଦେବ ମହାଦେବଙ୍କର ଅଶ୍ରୁରୁ ସୃଷ୍ଟି ହୋଇଥିବା ରୁଦ୍ରାକ୍ଷକୁ ହିନ୍ଦୁଧର୍ମରେ ଖୁବ୍ ପବିତ୍ର ବୋଲି ବିବେଚନା କରାଯାଇଥାଏ। ଏହାକୁ ଧାରଣ କଲେ ମାନସିକ ଓ ଶାରୀରିକ ଶାନ୍ତି ମଧ ମିଳିଥାଏ...**

ହିନ୍ଦୁ ଧର୍ମରେ ରୁଦ୍ରାକ୍ଷକୁ ଖୁବ୍ ପବିତ୍ର ବୋଲି ବିବେଚନା କରାଯାଇଥାଏ। ଏହାର ଉଭୟ ଆଧ୍ୟାତ୍ମିକ ତଥା ଜ୍ୟୋତିଷ ମହତ୍ତ୍ୱ ରହିଛି। ଅନେକେ ରୁଦ୍ରାକ୍ଷକୁ ଦେବ ଦେବ ମହାଦେବଙ୍କର ସ୍ୱରୂପ ବୋଲି ମଧ କହିଥାନ୍ତି। ଏଥିରେ ମହାଦେବଙ୍କର କରୁଣା ବା ଆର୍ଶୀବାଦ ରହିଥାଏ ବୋଲି ବିଶ୍ୱାସ କରାଯାଏ। ପୌରାଣିକ ତଥ୍ୟ ଅନୁସାରେ, ରୁଦ୍ରାକ୍ଷର ଉତ୍ପତ୍ତି ଭଗବାନ ଶିବଙ୍କର ଅଶ୍ରୁରୁ ହୋଇଛି ବୋଲି କୁହାଯାଇଥାଏ। ତେବେ ରୁଦ୍ରାକ୍ଷ ଉପରେ ପଡ଼ିଥିବା ଗାର ହିଁ ଏହାକୁ ବିଭିନ୍ନ ଭାଗରେ ବିଭାଜିତ କରିଥାଏ; ଅର୍ଥାତ୍ ଉକ୍ତ ଗାରକୁ ଲକ୍ଷ୍ୟ କଲେ ଜଣାପଡ଼ିଯାଏ ଯେ, ରୁଦ୍ରାକ୍ଷଟି କେତେ ମୁଖୀ। ସୂଚନାନୁଯାୟୀ, ଏକମୁଖୀରୁ ଆରମ୍ଭକରି ଏକୋଇଶ ମୁଖୀ ପର୍ଯ୍ୟନ୍ତ ରୁଦ୍ରାକ୍ଷ ମୁଖ୍ୟତଃ ଦେଖିବାକୁ ମିଳିଥାଏ। କିନ୍ତୁ ଏସବୁକୁ ଧାରଣା କରିବା ପୂର୍ବରୁ ବିଶେଷଜ୍ଞ ହୁଅନ୍ତୁ ଅବା କୌଣସି ଜ୍ଞାନୀ, ଗୁଣୀଙ୍କଠାରୁ ପରାମର୍ଶ ନେଇ ପିନ୍ଧିଲେ, ତା'ର ଠିକ୍ ଲାଭ ପ୍ରାପ୍ତ ହୋଇଥାଏ।

**ରୁଦ୍ରାକ୍ଷ ଧାରଣ କରିବାର ନିୟମ:** ରୁଦ୍ରାକ୍ଷକୁ ସର୍ବଦା ନିଜ ପାରିଶ୍ରମିକରେ କିଣି ପିନ୍ଧିବା ଉଚିତ। କାରଣ ଅନ୍ୟ କାହାର ରୋଜଗାର ଟଙ୍କାରେ ଏହାକୁ କିଣି ପିନ୍ଧିଲେ କୌଣସି ସୁଫଳ ମିଳେନି। ସେହିପରି ଏହାକୁ ଶରୀରରେ ଧାରଣ କରିବା ପାଇଁ ଶ୍ରାବଣ ମାସ ଅଥବା ଶିବରାତ୍ରିକୁ ସବୁଠାରୁ ଶୁଭ ଦିନ ବୋଲି କୁହାଯାଇଥାଏ। ସୋମବାର ଦିନ ଭଗବାନ ଶିବଙ୍କୁ ସମର୍ପିତ ହୋଇଥିବାରୁ, ଏହିଦିନ ବି ରୁଦ୍ରାକ୍ଷକୁ ପିନ୍ଧିହେବ। ତା' ଛଡ଼ା ଏହାକୁ ଦେହରେ ଧାରଣ କରିବା ପୂର୍ବରୁ ନିଜର କୁଣ୍ଡଳୀ ଅବା ଜାତକକୁ କୌଣସି ଜ୍ୟୋତିଷଙ୍କୁ ଦେଖାଇ ଦେବା ଦରକାର; ଯଦ୍ୱାରା ଜଣେ ଜାଣିପାରିବେ ଯେ ଏହା ତାଙ୍କ ଉପରେ କିପରି ପ୍ରଭାବ ପକାଇବ ଅବା ଏହାକୁ ଧାରଣ କରିବା ତାଙ୍କ ପକ୍ଷେ କେତେ ଦୂର ଠିକ୍ ହେବ। ସେହିପରି ରୁଦ୍ରାକ୍ଷକୁ ବିଧିବଦ୍ଧ ପୂଜା କରି ତଥା ମନ୍ତ୍ର ଦ୍ୱାରା ଅଭିମନ୍ତ୍ରିତ କରିବା ପରେ ଯାଇ ପିନ୍ଧିବା ଉଚିତ। ଏହା ଯେହେତୁ ଖୁବ୍ ପବିତ୍ର, ତେଣୁ ଏହାକୁ ଅପରିଷ୍କାର ହାତରେ ଧରିବେ ନାହିଁ। ତା'ଛଡ଼ା ଏହାକୁ ଧାରଣ କରୁଥିବା ବ୍ୟକ୍ତି ସର୍ବଦା ଶୁଦ୍ଧପୁତ ରହିବା ସହ ନିରାମିଷ ଭୋଜନ କରିବା ଆବଶ୍ୟକ ଏବଂ ନିୟମିତ ନିଷ୍ଠାର ସହ ଭଗବାନ ଶିବଙ୍କୁ ଆରାଧନା କରିବା ମଧ ଦରକାର। ଏପରି କଲେ ଭଗବାନଙ୍କର ଆର୍ଶୀବାଦ ମିଳେ ବୋଲି ବିଶ୍ୱାସ କରାଯାଇଥାଏ।

**ରୁଦ୍ରାକ୍ଷ ଧାରଣ କରିବାର ସୁଫଳ:** କେବଳ ଜ୍ୟୋତିଷ ଶାସ୍ତ୍ର କି ଧାର୍ମିକ ତତ୍ତ୍ୱ ନୁହେଁ, ଆଜିକାଲି ବିଜ୍ଞାନ ମଧ ମାନିଲାଣି ଯେ, ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ମାନସିକ ସହ ଶାରୀରିକ ଶାନ୍ତି ବି ମିଳିଥାଏ। କୁହାଯାଏ, ରୁଦ୍ରାକ୍ଷକୁ ହୃଦୟ ବା ଛାତିରେ ଧାରଣ କଲେ ଏହା ହୃଦୟକୁ ବିଭିନ୍ନ ରୋଗରୁ ସୁସ୍ଥ ରଖିଥାଏ। ସେହିପରି ଏହା ଉଚ୍ଚ ରକ୍ତଚାପ ତଥା ମନରେ ଉପୁଜୁଥିବା ଅବସାଦକୁ ମଧ ନିୟନ୍ତ୍ରଣରେ ରଖିବାରେ ବିଶେଷ ସହାୟକ ହୋଇଥାଏ। ତା'ଛଡ଼ା ଏହାକୁ ଧାରଣ କଲେ ଶରୀରରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ ହୋଇ ଆମକୁ ଶକ୍ତି ପ୍ରଦାନ କରିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ଏହା ଗ୍ରହଦୋଷରୁ ମଧ କେତେକାଂଶରେ ମୁକ୍ତି ଦେଇଥାଏ।

**ରୁଦ୍ରାକ୍ଷକୁ କିଏ ପିନ୍ଧିବେ ଓ କିଏ ପିନ୍ଧିବେନି:** ପୂର୍ବେ କେବଳ ସାଧୁସନ୍ଥ ତଥା ସନ୍ନ୍ୟାସୀମାନେ ହିଁ ରୁଦ୍ରାକ୍ଷକୁ ଶରୀରରେ ଧାରଣ କରୁଥିବାର ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ଫ୍ୟାଶନ ପାଇଁ ଅନେକେ ଏହାକୁ ବେକରେ, ହାତରେ ପିନ୍ଧିବାକୁ ଲାଗିଲେଣି। ଏପରିକି ଏବେ ଆର୍ଟିଫିସିଆଲ୍ ବା ନକଲି ରୁଦ୍ରାକ୍ଷର ବିଭିନ୍ନ ଜୁଏଲେରି ବି ମିଳିଲାଣି। ଯେମିତିକି ରୁଦ୍ରାକ୍ଷର ମାଳା, ଲକେଟ୍, ହାତ ମୁଦି, କାନଫୁଲ, ବ୍ରେସ୍‌ଲେଟ୍ ଇତ୍ୟାଦି। ଏସବୁକୁ ଧାରଣ କରିବା ଠିକ୍ ନୁହେଁ, କିନ୍ତୁ କେହି ଯଦି ଧାରଣ କରନ୍ତି ତା'ହେଲେ ସେଥିରେ ସେମିତି କିଛି ବିଶେଷ ଅସୁବିଧା ନାହିଁ। ହେଲେ ଯେଉଁମାନେ ବାସ୍ତବ ରୁଦ୍ରାକ୍ଷରେ ତିଆରି ଜୁଏଲେରି ପରିଧାନ କରିବାକୁ ଚାହୁଁଥାନ୍ତି, ତା'ହେଲେ ସେମାନଙ୍କୁ କିଛିଟା ନିୟମ ମାନିବାକୁ ହୋଇଥାଏ; ଯେମିତିକି ତାଙ୍କୁ ସର୍ବଦା ପରିଷ୍କାର, ପରିଚ୍ଛନ୍ନ ରହିବାକୁ ପଡ଼ିବ। ନିଶାଦ୍ରବ୍ୟ ତଥା ଆମିଷ ଭୋଜନରୁ ତାଙ୍କୁ ଦୂରେଇ ରହିବାକୁ ହେବ। କୌଣସି ପାପ କର୍ମ ମନରେ ନ ଆଣି ସର୍ବଦା ଅନ୍ୟମାନଙ୍କର ହିତ ଚିନ୍ତା କରିବାକୁ ପଡ଼ିବ। କିଛି ବି ଅଶୁଦ୍ଧି କାର୍ଯ୍ୟର ସୂଚନା ମିଳିଲେ କିମ୍ବା କରିବାକୁ ଥିଲେ ପ୍ରଥମେ ରୁଦ୍ରାକ୍ଷକୁ ଦେହରୁ କାଢି ସାରିବା ପରେ ଯାଇ ସେହି କାର୍ଯ୍ୟ କରିବେ ଏବଂ ପୁର୍ନବାର ଶୁଦ୍ଧପୂତ ହୋଇ ରୁଦ୍ରାକ୍ଷକୁ ମନ୍ତ୍ରଶୁଦ୍ଧି କରିବା ପରେ ଯାଇ ପୁଣି ଏହାକୁ ପିନ୍ଧିପାରିବେ ବୋଲି ପଣ୍ଡିତମାନେ ମତ ଦେଇଥାନ୍ତି।









ଶେଫାଳୀ

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## କାନ୍ଦ

ମଦୁଆ ମଦ ପିଉ ପିଉ କାନ୍ଦି ପକାଇଲା। ଏହା ଦେଖି ଦ୍ୱିତୀୟ ମଦୁଆ- କାନ୍ଦୁଛୁ କାହିଁକି?
ପ୍ରଥମ ମଦୁଆ- ଯୋଉ ଝିଅକୁ ଭୁଲିବା ପାଇଁ ମଦ ପିଉଛି, ତା'ର ନାଁ ମନେପଡୁନି।

## ନାଡା

ପିଣ୍ଟୁ ମଣ୍ଟୁକୁ- ପ୍ୟାଣ୍ଟର ନାଡାକୁ ଇଂଲିଶରେ କ'ଣ କହନ୍ତି ତୁ ଜାଣିଛୁ କି?
ମଣ୍ଟୁ- ହଁ।
ପିଣ୍ଟୁ- କ'ଣ କହନ୍ତି?
ମଣ୍ଟୁ- ପି.ଏଚ୍.ଡି.
ପିଣ୍ଟୁ-ମାନେ?
ମଣ୍ଟୁ- ପ୍ୟାଣ୍ଟ ହୋଲ୍ଡିଂ ଡିଭାଇସ୍।

## ସ୍ୱର୍ଗ

ରାଜେଶ ନିଜ ସ୍ତ୍ରୀ ଓ ଶାଶୁଙ୍କୁ ନେଇ ପ୍ରବଚନ ଶୁଣିବାକୁ ଯାଇଥାଏ। ବାବା କହିଲେ- ଯିଏ ଯିଏ ସ୍ୱର୍ଗକୁ ଯିବାକୁ ଚାହୁଁଛ ହାତ ଟେକ।
ରାଜେଶର ସ୍ତ୍ରୀ ଓ ଶାଶୁ ହାତ ଟେକିଲେ। ଏହା ଦେଖି ବାବା- ତମେ ହାତ ଟେକିଲନି, କ'ଣ ସ୍ୱର୍ଗକୁ ଯିବାର ଇଚ୍ଛା ନାହିଁ ?
ରାଜେଶ- ମୋ ସ୍ତ୍ରୀ ଓ ଶାଶୁ ସ୍ୱର୍ଗକୁ ଚାଲିଗଲେ ମୋ ଘର ଆପେ ସ୍ୱର୍ଗ ପାଲଟିଯିବ।





# ଫୁଲର ଘାଟି

## ଭ୍ୟାଲି ଅଫ୍ ଫ୍ଲାୱାର୍ ନ୍ୟାଶନାଲ ପାର୍କ

**ଉତ୍ତରାଖଣ୍ଡସ୍ଥିତ ଭ୍ୟାଲି ଅଫ୍ ଫ୍ଲାୱାର୍ ନ୍ୟାଶନାଲ ପାର୍କଟି ଜୁଲାଇ, ଅଗଷ୍ଟ ମାସ ବେଳକୁ ସତେ ଯେମିତି ନୂଆ ଜୀବନ ପାଇଲା ପରି ଲାଗେ। କାରଣ ଏହି ମାସରେ ଏଠାରେ ବିଭିନ୍ନ କିସମର ରଙ୍ଗବେରଙ୍ଗର ଫୁଲ ଫୁଟି ପାର୍କଟିକୁ ଖୁବ୍ ଆକର୍ଷଣୀୟ ଭାବେ ସଜେଇ ଦେଇଥାଏ। ଏହି ଦୃଶ୍ୟକୁ ଦେଖିଲେ ଲାଗେ ସତେଯେମିତି ପାର୍କ ଭିତରେ କେହି ମଖମଲିଆ କାର୍ପେଟ୍ ବିଛେଇ ଦେଇଛି...**

### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଏହି ସ୍ଥାନଟିର ସନ୍ଧାନ ପ୍ରଥମେ ବ୍ରିଟିଶ ପର୍ବତାରୋହୀ ଫ୍ରାଙ୍କ ଏସ୍.ସ୍ମିଥ୍ ଏବଂ ତାଙ୍କ ସାଥୀ ଏରିକ୍ ଶିପ୍‌ଟନ୍ ଓ ଆର୍.ଏଲ୍.ହୋଲ୍ଡସ୍‌ୱର୍ଥ ୧୯୩୧ ମସିହାରେ କରିଥିଲେ। ସେତେବେଳେ ଏହି ସ୍ଥାନଟି ଖୁବ୍ ସୁନ୍ଦର ଫୁଲରେ ଭର୍ତ୍ତି ହୋଇ ରହିଥିଲା। ଏଠାକାର ସୌନ୍ଦର୍ଯ୍ୟରେ ପ୍ରଭାବିତ ହୋଇ ସେମାନେ ଏହାର ନାମ ଭ୍ୟାଲି ଅଫ୍ ଫ୍ଲାୱାର୍ ଦେଲେ। ପରବର୍ତ୍ତୀ ସମୟରେ ଫ୍ରାଙ୍କ ସ୍ମିଥ୍ ଏହି ନାଁକୁ ନେଇ ଏକ ପୁସ୍ତକ ମଧ୍ୟ ପ୍ରକାଶିତ କରିଥିଲେ। ସେବେଠାରୁ ଏହି ସ୍ଥାନଟି ପ୍ରକୃତିପ୍ରେମୀ ତଥା ଫୁଲପ୍ରେମୀ ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପାଲଟିଯାଇଛି।

### କ'ଣ ଦେଖିବେ

ଭ୍ୟାଲି ଅଫ୍ ଫ୍ଲାୱାର୍ ନ୍ୟାଶନାଲ୍ ପାର୍କ ଯାହାକୁ କେହି କେହି କେବଳ ଭ୍ୟାଲି ଅଫ୍ ଫ୍ଲାୱାର୍ ବୋଲି ମଧ୍ୟ କହିଥାନ୍ତି। କୁହାଯାଏ, ସମୁଦ୍ରପତ୍ତନଠାରୁ ପ୍ରାୟ ୩୩୫୨ରୁ ୩୬୫୮ ମିଟର ଉଚ୍ଚତାରେ ଥିବା ଏହି ଫୁଲର ଘାଟିଟି ପ୍ରାୟ ୮୭.୫୦ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳ ଉପରେ ଗଢି ଉଠିଛି। ତା'ଛଡ଼ା ଏହି ଘାଟିକୁ ଲାଗି ନନ୍ଦାଦେବୀ ଜାତୀୟ ଉଦ୍ୟାନ ମଧ୍ୟ ରହିଛି; ଯାହା କି ନନ୍ଦାଦେବୀ ନ୍ୟାଶନାଲ୍ ବାୟୋସ୍ଫିୟର୍ ରିଜର୍ଭ ଭାବେ ମଧ୍ୟ ଜଣାଶୁଣା। ସୂଚନାନୁଯାୟୀ, ଭ୍ୟାଲି ଅଫ୍ ଫ୍ଲାୱାର ନ୍ୟାଶନାଲ୍ ପାର୍କରେ ପ୍ରାୟ ୫୦୦ ପ୍ରଜାତିର ଖୁବ୍ ସୁନ୍ଦର ସୁନ୍ଦର ଫୁଲ ଫୁଟିଥାଏ। ତନ୍ମଧ୍ୟରୁ ଅର୍କିଡ୍, ପପି(ଏକପ୍ରକାର ବଡ଼ ଲାଲ୍ ଫୁଲ), ପ୍ରିମୁଲା(ବିଭିନ୍ନ ରଙ୍ଗର ପୁଷ୍ପଯୁକ୍ତ ଚିରସ୍ଥାୟୀ ଉଦ୍ଭିଦ), ଗେଣ୍ଡୁଫୁଲ, ଡାଏସି (ହଳଦିଆ କେଶର ଓ ଧଳା ପାଖୁଡା ଥିବା ଛୋଟ ଫୁଲ), ଆନେମୋନ୍ସ(ଧଳା ବା ନାଲି ବା ନୀଳଲୋହିତ ରଙ୍ଗର ଫୁଲବିଶିଷ୍ଟ ଉଦ୍ଭିଦ) ଇତ୍ୟାଦି ଖୁବ୍ ଲୋକପ୍ରିୟ। ତା'ଛଡ଼ା କୁହାଯାଏ, ସେପ୍ଟେମ୍ବର ମାସରେ ଏଠାରେ କୁଆଡ଼େ ବ୍ରହ୍ମ କମଳ ବି ଫୁଟିଥାଏ।

ତେବେ କେବଳ ଫୁଲ ନୁହେଁ ଏଠାରେ ବହୁ ବିରଳ ପ୍ରଜାତିର ପଶୁ ଏବଂ ପକ୍ଷୀ ମଧ୍ୟ ଦେଖାଯାଇଥାନ୍ତି ଯେମିତିକି ଏସିଆ ମହାଦେଶର କଳା ଭାଲୁ, ସ୍ନୋ ଲିଓପାର୍ଡ, କସ୍ତୁରୀ ମୃଗ, ମାଟିଆ ରଙ୍ଗର ଭାଲୁ, ନାଲି ରଙ୍ଗର କୋକିଶିଆଳି, ନୀଳ ରଙ୍ଗର ମେଣ୍ଢା ଇତ୍ୟାଦି ପଶୁ ଏବଂ ହିମାଳୟାନ୍ ମୋନାଲ୍ ନାମକ ଏକ ପକ୍ଷୀ ଇତ୍ୟାଦି। ତା'ଛଡ଼ା ପ୍ରାୟ ୧୩ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀ ବି ଏଠାରେ ରହିଛନ୍ତି। ସେହିପରି ବହୁ ବିରଳ ତଥା ନାମୀଦାମୀ ଔଷଧୀୟ ବୃକ୍ଷର ସନ୍ଧାନ ବି ଏଠାରୁ ମିଳିଥାଏ। ଖାସ୍ ଏହିସବୁ ଦୃଷ୍ଟିକୋଣରୁ ୧୯୮୦ରେ ଏହାକୁ ଜାତୀୟ ଉଦ୍ୟାନ ଏବଂ ୨୦୦୪ରେ ୟୁନେସ୍କୋ ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ର ମାନ୍ୟତା ମିଳିଛି।

### କେବେ ଯିବେ

କୁହାଯାଏ, ଏହି ପାର୍କକୁ ବୁଲିଯିବା ପାଇଁ ଜୁନ୍‌ରୁ ସେପ୍ଟେମ୍ବର ମାସ ହେଉଛି ଭଲ ସମୟ। କାରଣ ବାକି ସମୟରେ ଏହି ସ୍ଥାନ ବରଫ ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ। ଜୁନ୍ ମାସ ବେଳକୁ ଏଠି ବରଫ ତରଳିବାକୁ ଆରମ୍ଭ କରିଥାଏ। ତେଣୁ ଏହି ସମୟରେ ଗଲେ ହିମବାହ ଦେଖିବାର ସୁଯୋଗ ମିଳିଥାଏ। କିନ୍ତୁ ଜୁଲାଇରୁ ଅଗଷ୍ଟ ଭିତରେ ଏଠାରେ ଜାତିଜାତିକା ଫୁଲ ଫୁଟି ପୂରା ପାର୍କଟିକୁ ଭର୍ତ୍ତି କରି ଦେଇଥାଏ। ସେପ୍ଟେମ୍ବର ମାସରେ ବି ଏଠି ବ୍ରହ୍ମ କମଳ ବ୍ୟତୀତ ଆଉ କିଛି କିଛି ଫୁଲ ବି ଫୁଟୁଥିବାର ଦେଖାଯାଏ।

### କେମିତି ଯିବେ


ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ଜୋସିମଠ ହେଉଛି ଏହାର ନିକଟବର୍ତ୍ତୀ ଟାଉନ୍। ସେଠାରୁ କିଛି କି.ମି. ଟ୍ରେକିଂ କରି ଗଲେ ଭାଲି ଅଫ୍ ଫ୍ଲାୱାର୍ ନ୍ୟାଶନାଲ୍ ପାର୍କରେ ପହଞ୍ଚିହେବ। ଜୋସିମଠଠାରୁ ପ୍ରାୟ ୨୭୦ କି.ମି. ଦୂରରେ ରହିଛି ହରିଦ୍ୱାର। ପର୍ଯ୍ୟଟକ ଦିଲ୍ଲୀରୁ ଟ୍ରେନ୍ ଯୋଗେ ହରିଦ୍ୱାର ଯାଇ ସେଠାରୁ ବସ୍‌ରେ ଗୋବିନ୍ଦଘାଟ ଯିବେ। ଗୋବିନ୍ଦଘାଟଠାରୁ ପ୍ରାୟ ୨୪ କି.ମି. ଦୂରରେ ରହିଛି ଆଉ ଏକ ପର୍ଯ୍ୟଟନସ୍ଥଳୀ ବଦ୍ରିନାଥ। ତା'ଛଡ଼ା ଦିଲ୍ଲୀରୁ ଗୋବିନ୍ଦଘାଟ ଯିବା ପାଇଁ ସିଧାସଳଖ ଗମନାଗମନ ବ୍ୟବସ୍ଥା ମଧ୍ୟ ରହିଛି। ଆଉ ଗୋବିନ୍ଦଘାଟରୁ ମାତ୍ର ଘଣ୍ଟାକର ରାସ୍ତା ଅତିକ୍ରମ କରିଗଲେ ପଡିଥାଏ ଜୋସିମଠ।

### ଜାଣିବା କଥା


ପର୍ଯ୍ୟଟନ ଋତୁ ସମୟରେ ପର୍ଯ୍ୟଟକଙ୍କ ନିମନ୍ତେ ଏହି ପାର୍କ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ  ଖୋଲା ରହିଥାଏ। ସନ୍ଧ୍ୟା ପରେ ଏଠି ରହିବା ପାଇଁ ପର୍ଯ୍ୟଟକଙ୍କୁ ଅନୁମତି ଦିଆଯାଏ ନାହିଁ। ତା'ଛଡ଼ା ପାର୍କ ଭିତରକୁ ପ୍ରବେଶ କରିବା ପାଇଁ ଏଣ୍ଟ୍ରି ଟିକେଟ୍ ମଧ୍ୟ ପଡିଥାଏ।














# ଘରକୁ ରଖିପାରିବେ ପକେଟ୍‌ରେ



ବେଳେବେଳେ କେଉଁଆଡ଼େ ବୁଲିଯାଇଥିବା ସମୟରେ ଥକ୍କା ଲାଗିଲେ ବିଶ୍ରାମ ନେବାକୁ ଇଚ୍ଛା ହୁଏ । ଆଉ ହୋଟେଲ୍, ଲଜ୍ ରୁମ୍ ବୁକ୍ କରିବାକୁ ପଡ଼େ । ଆଉ ଯଦି ରୁମ୍ ନ ମିଳେ ଇଚ୍ଛା ହୁଏ ଘରକୁ ସାଙ୍ଗରେ ଆଣି ହେଉଥିଲେ କେତେ ଭଲ ହୋଇଥାନ୍ତା । ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ଘର ତିଆରି ହୋଇଛି ; ଯାହାକୁ ଆପଣ ଫୋଲ୍ଡ କରି ନିଜ ପକେଟ୍‌ରେ ରଖି ଯେକୌଣସି ସ୍ଥାନକୁ ନେଇପାରିବେ । ପକେଟ୍‌ରେ ପର୍ସ, ରୁମାଲ୍ ରଖିବା ଭଳି ତାକୁ ରଖିପାରିବେ । ଆଉ ଆବଶ୍ୟକ ବେଳେ ତାକୁ ଖୋଲି ତା' ଭିତରେ ରହିପାରିବେ । ଏହା ହେଉଛି ପୃଥିବୀର ସବୁଠାରୁ ଛୋଟ ଘର । ଏହାକୁ ଡିଜାଇନ୍ କରିଛନ୍ତି ବାର୍ସିଲୋନାର ମାର୍ଟିନ ଆହୁଜା । ଏହି ଘର ଫୋଲ୍ଡ ହେବା ସହ ଏହାକୁ ଏଭଳି ପଦାର୍ଥରେ ତିଆରି କରାଯାଇଛି ଯେ, ଋତୁ ଅନୁସାରେ ଏହା ଥଣ୍ଡା ଓ ଗରମ ରହେ । ଅର୍ଥାତ୍ ଖରାଦିନେ ଘର ଥଣ୍ଡା ଲାଗିବାବେଳେ ଶୀତଦିନେ ଗରମ ରହେ ।

## କାର୍ଟୁନ କର୍ନର



# ହାର ମାନିଛି ବୟସ







## ୮୦ ବର୍ଷ ବୟସରେ ବି ତାଙ୍କ ନିହାଣ ଚଳଚଞ୍ଚଳ। ଦିନରାତି ତାଙ୍କର କଟୁଛି କଳାକାରିଗରୀରେ...

ଓଡ଼ିଶାର ପାରମ୍ପରିକ କଳା କାରିଗରିରେ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ତେବେ କଳାକୃତି ତିଆରି କରୁଥିବା ଶିଳ୍ପୀମାନଙ୍କ ମଧ୍ୟରେ କେହି ନିଶାରେ ତ ଆଉ କେହି ବୃତ୍ତି ଭାବେ ବିଭିନ୍ନ ପ୍ରକାର କଳା କାରିଗରୀକୁ ଆପଣେଇଥାନ୍ତି। ଏମିତିରେ କାରିଗରିରେ ନିୟୋଜିତ ଶିଳ୍ପୀଙ୍କୁ ବି ରୋଜଗାର ପନ୍ଥା ମିଳିଯାଇଥାଏ। ତେବେ ଶିଳ୍ପୀମାନଙ୍କ ବିଭିନ୍ନ ପ୍ରକାର କଳାକୃତିକୁ ଦେଖିଲେ ମନରେ ନିଆରା ଆକର୍ଷଣ ସୃଷ୍ଟିହୁଏ। ତେବେ ଏମିତି ଜଣେ ଶିଳ୍ପୀ ଯେକି ବୟସର ଅପରାହ୍ନରେ ବି ସର୍ବଦା ତିଆରି କରିଆସୁଛନ୍ତି ବିଭିନ୍ନ କଳାକୃତି । ସେ ହେଲେ ରାଜକିଶୋର ସୂତାର। ବୟସ ପ୍ରାୟ ୮୦ ହେବ। କିନ୍ତୁ ସେ ଦିନରାତି ନିମଗ୍ନ ରହି କାଠ, ମାଟି ଓ ସିମେଣ୍ଟ ଆଦିରେ ତିଆରି କରନ୍ତି ବିଭିନ୍ନ ପ୍ରକାର ସୁନ୍ଦରସୁନ୍ଦର ମୂର୍ତ୍ତି । ପ୍ରାୟ ୭ଦଶନ୍ଧି ଧରି ଚାଲିଛି ତାଙ୍କର ଏହି ଶିଳ୍ପୀକାମ । ତାଙ୍କ ନିହଣମୁନର ଯାଦୁକରି ସ୍ପର୍ଶରେ ନିର୍ଜୀବ କାଠରେ ବି ହସିଉଠେ ଛୋଟଛୁଆର ଦରୋଟି ଓଠ, ପୁଣି ସେ ସୃଷ୍ଟି କରନ୍ତି ନିଆରା ଦୁନିଆର ପରିଚୟ। ତାଙ୍କ ହାତଗଢ଼ା ଅନେକ କଳାକୃତି ଅନେକ ସମୟରେ ତାଙ୍କୁ ମନେପକାନ୍ତି । ହେଲେ ଏମିତି ଶିଳ୍ପୀଙ୍କୁ ଏଯାଏ ମିଳିନାହିଁ କୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ପୁରସ୍କାର କି ମାନପତ୍ର । କିନ୍ତୁ ସେ କୁହନ୍ତି, ଆଜିକାଲି ଅନେକ କ୍ଷେତ୍ରରେ ତୋଷାମଦିଆ ପୁରସ୍କାର କି ସମ୍ବର୍ଦ୍ଧିତ ଲାଳସାରେ କେବେ କାହାରିକୁ ଖୋସାମତ କରିନି । କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ଗାଁରେ ଏକ ବଢ଼େଇ କୁଳରେ ମୋର ଜନ୍ମ। ପିଲାଟି ଦିନରୁ ଚିତ୍ର ଆଙ୍କିବାରେ ଖୁସି ହେଉଥିଲି। ଘରେ ବାପା ତିଆରି କରୁଥିବା ବିଭିନ୍ନ ମୂର୍ତ୍ତି କାମକୁ ଦେଖି ଶିଖିବାକୁ ଅଭ୍ୟାସ କରୁଥିଲି। ମାତ୍ର ବିଲକୁ ଯେତେବେଳେ ଗାଈଗୋଠ ନେଇ ଯାଏ ସେଠାରେ ବଳକା ସମୟରେ ମାଟିରେ ବିଭିନ୍ନ ପ୍ରକାରର ମୂର୍ତ୍ତି ତିଆରି କରିବାରେ ମନଦେଇଥାଏ। କିନ୍ତୁ ସ୍କୁଲରେ ପଢୁଥିବାବେଳେ ଛୁଟିଦିନରେ ମାଟି ଓ ସିମେଣ୍ଟ କୁଣ୍ଡ ତିଆରି କରିବା ମତେ ଅଧିକ ପ୍ରେରଣା ଦେଇଥିଲା। ଶିକ୍ଷାଶ୍ରମରେ ଗୁରୁଙ୍କଠାରୁ ମଧ୍ୟ ଅନେକ କିଛି ଶିଖିଲି। ସେତେବେଳେ ଅରୁଆ ଶିକ୍ଷାଶ୍ରମରେ ୧୯୬୮ରେ ଏକାଦଶ ପଢିଲି। ତା'ପରେ କଟକ ଖପୁରିଆ ଆଇଟିଆଇରେ କାର୍ପେଟର ଭାବେ ତାଲିମ ପାଇଲି। ସମୟକ୍ରମେ ଜଳସମ୍ପଦ ଓ ପୂର୍ତ୍ତ ବିଭାଗରେ ଶିଳ୍ପୀ ଭାବେ ସ୍ୱଳ୍ପ ବେତନରେ ଚାକିରି କଲି। ଚାକିରି ଜୀବନ ସହିତ ମୋର ଶିଳ୍ପୀକାମ ଚାଲିଥାଏ। ଏଯାଏ ଶହଶହ ସଂଖ୍ୟାରେ ମାଟିମୂର୍ତ୍ତି ଗଢିଛି, ସେହିପରି କାଠଖୋଦନ କରି ଅନେକ ମୂର୍ତ୍ତି ତିଆରି କରିଛି ଏବଂ ଓଡ଼ିଶାର ଅନେକ ସ୍ଥାନରେ ସିମେଣ୍ଟରେ ବହୁ ମୂର୍ତ୍ତି ଗଢ଼ିଛି। ମୂର୍ତ୍ତିଗୁଡ଼ିକ ମଧ୍ୟରେ ଗଛ, ଚଢ଼େଇ, ମଣିଷ ସେହିପରି ବିଭିନ୍ନ ଦେବଦେବୀଙ୍କ ମଧ୍ୟରେ ବିଶେଷକରି ଶ୍ରୀଜଗନ୍ନାଥ, ଗଣେଶ, ମା'ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, କାଳୀ, ଗଜଲକ୍ଷ୍ମୀଙ୍କ ପ୍ରତିମା ଗଢିଛି। ଓଡ଼ିଶାର ବରପୁତ୍ର ଭାବେ ଦେଶ ପାଇଁ କାରଗିଲରେ ଶହୀଦ ହୋଇଥିବା ଶ୍ରୀରାମପୁର ଗ୍ରାମର ପ୍ରଶାନ୍ତ ପରିଡ଼ାଙ୍କ ସମେତ ଆଉ କେତେଜଣ ଶହୀଦଙ୍କ ପ୍ରତିମୂର୍ତ୍ତି ଗଢିଛି। ମହାପୁରଷଙ୍କ ପ୍ରତିମୂର୍ତ୍ତି ମଧ୍ୟରେ ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧୀ ପ୍ରମୁଖଙ୍କ ପ୍ରତିମୂର୍ତ୍ତି ତିଆରି କରିଥାଏ। ପୌରାଣିକ ବିଷୟବସ୍ତୁକୁ ନେଇ-ରାଧାକୃଷ୍ଣ, ମୀରା, ସୀତାରାମ, ହରପାର୍ବତୀ ଆଦି ଦେବଦେବୀଙ୍କ ପ୍ରତିମା ଗଢ଼ିଛି।। ନୂତନକରି ନିର୍ମାଣ ହୋଇଥିବା କେତେକ ସ୍ଥାନର ଜଗନ୍ନାଥମନ୍ଦିରରେ ବିଭିନ୍ନ ମୂର୍ତ୍ତି ନିର୍ମାଣ କରିଛି। ପଟଚିତ୍ର ବି ତିଆରି କରିବା ଅଭ୍ୟାସ ରହିଛି। କିନ୍ତୁ ଅଧିକ ପରିମାଣରେ କାଠରେ ବିଭିନ୍ନ ମୂର୍ତ୍ତିକୁ ତିଆରି କରିଥାଏ । ଏମିତି ମୂର୍ତ୍ତି ତିଆରିରେ ଦିନତମାମ ବିତିଯାଏ। ୨୦୦୨ରେ ଚାକିରିରୁ ଅବସର ନେଇ ଘରେ ରହୁଥିବା ବେଳେ ଏହି କଳାକାରଗିରି କାମକୁ ଚାଲୁ ରଖିଛି।

**ତଥ୍ୟ- ଭାସ୍କର ରାଉତରାୟ**







ବ୍ୟାକ୍ ପେଜ୍










# ମ୍ୟାଚିଂ ମ୍ୟାଚିଂ କପଲ୍

ସୁୟୋଶି ଓ ତୋମି ଶେକି ନାମକ ଏକ ଜାପାନୀ ଦମ୍ପତି ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚିତ। ଆଉ ଚର୍ଚ୍ଚାର କାରଣ ହେଉଛି ସେମାନଙ୍କର ମ୍ୟାଚିଂ ଆଉଟଫିଟ୍। ଘରେ ହେଉ କି ବାହାରେ ଏହି ଦମ୍ପତି ମ୍ୟାଚିଂ ପୋଷାକ ପିନ୍ଧନ୍ତି। ଆଉ ଫଟୋ ଉଠାଇ ତାକୁ ସୋସିଆଲ ମିଡିଆରେ ପୋଷ୍ଟ କରନ୍ତି। ୨୦୧୬ରୁ ଏହି ଧାରା ଆରମ୍ଭ ହୋଇଛି। ଏବେ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ୮୩୦,୦୦୦ ଫଲୋୟର୍ ଅଛନ୍ତି। ଏହି ଦମ୍ପତି କହନ୍ତି, ଯେବେଠୁ ଆମର ଚୁଟି ପାଚିବା ଆରମ୍ଭ ହେଲା ଆମେ ଏଭଳି ମ୍ୟାଚିଂ କରି ପିନ୍ଧିବାକୁ ନିଷ୍ପତ୍ତି ନେଲୁ। କାରଣ ଆରମ୍ଭରୁ ଆମ ଦୁଇଜଣଙ୍କ ପୋଷାକ ପସନ୍ଦ ସମାନ ଥିଲା। ତେବେ ଆମକୁ ମିଳିଥିବା ଲୋକପ୍ରିୟତା ପଛରେ ଆମ ଝିଅର ହାତ ବହୁତ ରହିଛି। ସେ ହିଁ ପ୍ରଥମେ ଆମର ମ୍ୟାଚିଂ ଆଉଟ୍‌ଫିଟ୍‌ର ଫଟୋ ଉଠାଇ ତା' ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଥିଲା। ଲୋକେ ସେହି ଫଟୋକୁ ବହୁତ ପସନ୍ଦ କରିବାରୁ ସେ ଆମକୁ ନିଜର ଆକାଉଣ୍ଟ କରି ଫଟୋ ଅପଲୋଡ୍ କରିବାକୁ କହିଥିଲା। ଆକାଉଣ୍ଟ କରି ଫଟୋ ଅପଲୋଡ୍ କଲୁ। ସେଗୁଡ଼ିକୁ ଲୋକେ ବହୁତ ପସନ୍ଦ କଲେ। ଆଉ ଏବେ ଆମକୁ ଷ୍ଟାଇଲ୍ ଆଇକନ୍ ବୋଲି କୁହାଯାଉଛି।



# ଗୋଡ଼ରେ ମହମବତି ଜଳାଇ ରେକର୍ଡ

ମନୋବଳ ଦୃଢ଼ ଥିଲେ ଡେଣା ନ ଥାଇ ବି ପକ୍ଷୀଟିଏ ଉଡ଼ିପାରେ। ଏହି କଥାକୁ ପ୍ରମାଣ କରି ଦେଖାଇଛନ୍ତି ମେକ୍ସିକୋର ଏଡ୍ରିଆନ୍ ଇରେନେ ମୈସିଆସ୍ ହର୍ନାଣ୍ଡେଜ୍। ଜନ୍ମରୁ ତାଙ୍କର ଦୁଇ ହାତ ନ ଥିଲା। ହେଲେ ଏହି ଅଭାବବୋଧକୁ ସେ ନିଜର ଦୁର୍ବଳତା ହେବାକୁ ଦେଲେ ନାହିଁ। ନିଜର ଦୁଇ ଗୋଡ଼କୁ ସେ ହାତଭାବେ ବ୍ୟବହାର କରିବା ଶିଖିଲେ। ଆଉ ଗୋଡ଼ରେ କାମ କରିବାରେ ଏତେ ଏକ୍ସପର୍ଟ ହୋଇଗଲେ ଯେ, ନ ଦେଖିଲେ କେହି ବିଶ୍ୱାସ କରିବେ ନାହିଁ। ନିଜର ଦୈନନ୍ଦିନ କାମ ସହ କିଛି ଅସମ୍ଭବ କାର୍ଯ୍ୟ ବି ସେ ନିଜ ଗୋଡ଼ରେ କରିପାରନ୍ତି। ନିକଟରେ ନିଜ ଜନ୍ମଦିନରେ ସେ ଗୋଡ଼ରେ ଏକ ମିନିଟ୍‌ରେ ୧୧ଟି ମହମବତି ଜଳାଇ ବିଶ୍ୱ ରେକର୍ଡ କରିଛନ୍ତି। ଏତେ ଶୀଘ୍ର ଏତେ ମହମବତିକୁ ଜଣେ ହାତ ଥିବା ବ୍ୟକ୍ତି ମଧ୍ୟ ଜଳାଇପାରିବେ ନାହିଁ। କିନ୍ତୁ ସେ ଏହା ସମ୍ଭବ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲେ। ପୂର୍ବରୁ ଏହି ରେକର୍ଡ ଆମେରିକାର ଏଶରିଟାଙ୍କ ନାମରେ ଥିଲା, ଯେ କି ୧ ମିନିଟ୍‌ରେ ୭ଟି ମହମବତି ଗୋଡ଼ରେ ଜଳାଇଥିଲେ।





# ଦେବୀ ମା'ଙ୍କୁ ଚଢାଯାଏ ଚପଲ ମାଳ

ମନ୍ଦିରକୁ ଗଲେ ଚପଲ ବାହାରେ ରଖି ଭିତରକୁ ଯିବାକୁ ହୁଏ। ଆଉ ଭଗବାନଙ୍କୁ ଫୁଲମାଳ, ପ୍ରସାଦ, ଖୀର, ଦହି, ମିଷ୍ଟାନ୍ନ ଆଦି ପ୍ରସାଦ ଚଢାଯାଏ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ମନ୍ଦିର ଅଛି, ଯେଉଁଠି ଚପଲ ମାଳ କରି ଠାକୁରଙ୍କୁ ଚଢାଯାଏ। ଏହି ମନ୍ଦିର କର୍ନାଟକ, ଗୁଲବର୍ଗ ଜିଲାରେ ରହିଛି। ଏଠାରେ ଦେବୀ ଲକମ୍ମାଙ୍କୁ ପୂଜା କରାଯାଏ। ଏଠାରେ ଦେବୀଙ୍କୁ ଫୁଲମାଳା, ପ୍ରସାଦ, ଦୁଧ, ଦହି ପ୍ରସାଦ ଚଢାଯାଏ ନାହିଁ। ବରଂ ମନ୍ଦିର ପରିସରରେ ଥିବା ଏକ ଗଛରେ ଭକ୍ତମାନେ ଚପଲର ମାଳା ଟାଙ୍ଗିଥାନ୍ତି। ଚପଲ, ଜୋତା ମାଳା ଚଢାଇବା ପୂଜା ପ୍ରତିବର୍ଷ ଦିପାବଳୀର ଷଷ୍ଠଦିନ ପାଳନ କରାଯାଇଥାଏ। ଏହିଦିନ ଭକ୍ତଙ୍କର ପ୍ରବଳ ଭିଡ ହୋଇଥାଏ। ଦୂରଦୂରାନ୍ତରୁ ଭକ୍ତ ଏହି ପୂଜାରେ ସାମିଲ ହେବାକୁ ଆସିଥାନ୍ତି। ତେବେ ଚପଲ ଚଢାଇବା ପଛରେ ମାନ୍ୟତା ରହିଛି ଯେ, ଦେବୀ ମା' ରାତିରେ ଭକ୍ତଙ୍କ ଚପଲ ପିନ୍ଧି ବିଚରଣ କରନ୍ତି। ଆଉ ମା' ଯାହାର ଚପଲ ପିନ୍ଧି ବୁଲିବେ ତା'ର ସବୁ ଦୁଃଖକଷ୍ଟ ଦୂର ହୋଇଯାଏ। ତାଙ୍କ ଜୀବନ ଖୁସିରେ ଭରିଯାଏ। ଏହି ମାନ୍ୟତା ପାଇଁ ଏଠାରେ ଚପଲ ଜୋତାର ବିକ୍ରି ବହୁତ ଭଲ ହୋଇଥାଏ।